ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.182 Bhubaneswar Sunday August 27 2023 | ୨୬ତମ ବର୍ଷ | ସଂଖ୍ୟା–୧୮୨ ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ଇଡିର 'ସୁଇମିଂ ପୁଲ' ଯୁକ୍ତିକୁ ଶୁଣିଲେନି ସୁପ୍ରିମକୋର୍ଟ, ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଅବଧି ବଢ଼ିଲା

ନୂଆଦିଲ୍ଲୀ, ୨୬।୮(ପି.ଏନ): ଆପ ନେତା ତଥା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଅବଧି ଆବେଦନକୁ ବିରୋଧ କରି ଇଡି ଫେଲ ମାରିଛି। ସତ୍ୟେନ୍ଦ୍ର ଜୈନ ଏବେ ମେଡିକାଲ ଚିକିତ୍ସା ପାଇଁ ଜେଲ ବାହାର ଥିବା ବେଳେ ଏ ଅବଧିକୁ ବୃଦ୍ଧି କରିବାକୁ ଆବେଦନ କରିଥିଲେ। ଏହା ବିରୋଧରେ ଇଡି ସୁପ୍ରିମକୋର୍ଟରେ ସୁଇମିଂ ପୁଲ ଯୁକ୍ତି ରଖିଥିଲା। ସତ୍ୟେନ୍ଦ୍ର ଜୈନ ଜେଲ ଭିତରେ ସୁଇମିଂ ପୁଲ ଚାହୁଁଥିବା ଇଡି କହିଥିଲା। ଏଥିସହ ବିଭିନ୍ନ ପ୍ରକାରର କଥା କହି ଜୈନଙ୍କ ଜାମିନ ଅବଧି ଯେମିତି ନ ବଢ଼ିବ, ସେଥିପାଇଁ ଚେଷ୍ଟା କରିଥିଲା। ହେଲେ ସର୍ବୋଚ୍ଚ ଅଦାଲତ ସେପ୍ଟେମ୍ବର ୧ ଯାଏ ଜୈନଙ୍କ ଜାମିନ ଅବଧିକୁ ବୃଦ୍ଧି କରିଛନ୍ତି।



## କୋଲକାତାରେ ଧରାପଡିଲା ଆଇଏସଆଇର ଏଜେଂଟ

କୋଲକାତା, ୨୬।୮(ପି.ଏନ): କୋଲକାତା ପୋଲିସର ସ୍ପେଶାଲ ଟାକ୍ସ ଫୋର୍ସ (ଏସଟିଏଫ) ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇର ଏକ ଏଜେଂଟକୁ କୋଲକାତାରୁ ଗିରଫ କରିଛି । ଅଭିଯୁକ୍ତ ଭକ୍ତ ବଂଶୀ ଝା (୬୦) ମୂଳତଃ ବିହାରର ଦରଭଙ୍ଗା ନିବାସୀ ଅଟେ । ଯିଏକି ଭାରତୀୟ ସେନା ଏବଂ ଗୁଇନ୍ଦା ସହିତ ଜଡ଼ିତ ଗୁପ୍ତ ସୂଚନା ଆଇଏସଆଇକୁ ପଠାଇଛି । ଏସଟିଏଫ ର ଉପାୟୁକ୍ତ ବି. ସୋଲେମନ ନେଶା କୁମାର ଶନିବାର ସକାଳେ ଅଭିଯୁକ୍ତର ଗିରଫଦାରୀ ସମ୍ପର୍କରେ ସୂଚନା ଦେଇଛନ୍ତି ।

## ବଜାରକୁ ଆସିବ 'ହଳଦୀ ବ୍ୟାଣ୍ଡେଜ' ଚୁଟକିରେ ଭଲ ହୋଇଯିବ ଶରୀରର କ୍ଷତ

ଭୁବନେଶ୍ୱର, ୨୬।୮(ପି.ଏନ): ଶୁଦ୍ଧ ଓ ଖାଣ୍ଟି ହଳଦୀରେ ଦେଶୀ ଚିକିତ୍ସା। ବଜାରକୁ ଖୁବ୍‌ଶୀଘ୍ର ଆସିବ ହଳଦୀ ବ୍ୟାଣ୍ଡେଜ। ଚୁଟକିରେ ଭଲ ହୋଇପାରିବ ଶରୀରର କ୍ଷତ। ହଳଦୀର ନାନୋ ପାର୍ଟିକିଲ୍ କର୍କ୍ୟୁମିନକୁ ବ୍ୟବହାର କରି ଏମିତି ଚମତ୍କାର ବ୍ୟାଣ୍ଡେଜ ପ୍ରସ୍ତୁତ କରିଛି ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ସଂସ୍ଥାନ(ILS)। ୨୦୨୧ ମସିହାରେ ଭାରତ, ଆମେରିକା ଓ ୟୁରୋପରେ ପ୍ୟାଟେଣ୍ଟ ପଞ୍ଜୀକରଣ ହୋଇଥିବା ଏହି କର୍କ୍ୟୁମିନ ବ୍ୟାଣ୍ଡେଜକୁ ବଜାରରେ ଛାଡିବା ଲାଗି ଆଗ୍ରହ ଦେଖାଇଛନ୍ତି ଦେଶର ଦୁଇ ଦୁଇଟି କମ୍ପାନୀ। ହଳଦୀ ବ୍ୟାଣ୍ଡେଜର ଟେକ୍ନୋଲୋଜି କିଣିବାକୁ ନ୍ୟାସନାଲ ରିସର୍ଚ୍ଚ ଡେଭଲପମେଣ୍ଟ କର୍ପୋରେସନ (NRDC) ଜରିଆରେ ILS ସହ ଆଲୋଚନା ଆରମ୍ଭ କରିଛନ୍ତି ଗୁଜରାଟ ଓ ଉତ୍ତର ପ୍ରଦେଶଭିତ୍ତିକ ଦୁଇ କମ୍ପାନୀ। କର୍କ୍ୟୁମିନ ବ୍ୟାଣ୍ଡେଜର ବିକାଶ କରିଛନ୍ତି ILSର ବରିଷ୍ଠ ବୈଜ୍ଞାନିକ ଡକ୍ଟର ସଞ୍ଜୀବ ସାହୁ।




## ଜାଲ୍ ନୋଟ୍ ଜାଣି ବ୍ୟାଙ୍କ ଫେରାଇଦେଲା; ବୁଲି ବୁଲି ଟଙ୍କା ବଦଳାଇଥିଲା, ଏବେ ବନ୍ଧା ହେଲା

ବାଲେଶ୍ୱର, ୨୬।୮(ପି.ଏନ): ଜାଲ୍ ନୋଟ୍ ଜାଣି କିଓସ୍କ ବ୍ୟାଙ୍କ ଫେରାଇଦେଲା। ଆଉ ତା'ପରେ ବଜାର ସାରା ବୁଲି ବୁଲି ଜାଲ୍ ନୋଟ୍ ବଦଳାଇଥିଲା। ଏବେ ଜାଲ୍ ନୋଟ୍ କାରବାର ଅଭିଯୋଗରେ ବନ୍ଧା ହୋଇ ଜେଲ୍ ଗଲା ପୂର୍ଣ୍ଣଚନ୍ଦ୍ର ନାୟକ। ଏପରି ଅଭିଯୋଗ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଞ୍ଚଳରୁ ଆସିଛି। ପୁଲିସ ପୂର୍ଣ୍ଣଚନ୍ଦ୍ର ନାୟକ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିବା ସହିତ ବହୁ ଜାଲ୍ ନୋଟ୍ ଜବତ କରିଛି। ଏନେଇ ସୂଚନା ଦେଛନ୍ତି ବାଲେଶ୍ୱର ଏସ୍‌ପି ସାଗରିକା ନାଥ। ଗତ ମଙ୍ଗଳବାର ନୀଳଗିରି ଥାନା ଘୁଡ଼ାଡ଼ିଆଁ ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ ସନ୍ତରାଗଡିଆ ବଜାରରେ ଥିବା ବ୍ୟାଙ୍କ ଅଫ୍ ବରୋଦା କିଓସ୍କ ଶାଖାରେ ୩୦ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ। ଟଙ୍କା ଜମା ବେଳେ ଜାଲ ଥିବା ଜାଣିବାକୁ ପାଇଥିଲେ ବ୍ୟାଙ୍କ କର୍ମଚାରୀ। ତେଣୁ ସେ ଟଙ୍କା ଫେରସ୍ତ କରିଦେଇଥିଲେ। ଘଟଣା ପ୍ରଚାରିତ ହେବା ପୂର୍ବରୁ ପୂର୍ଣ୍ଣଚନ୍ଦ୍ର ବଜାରରେ ଚା' ଦୋକାନ, ମାଛ ଦୋକାନ, ମଦ କାଉଣ୍ଟର, ମୋବାଇଲ ରିଚାର୍ଜ ଦୋକାନରେ ଜାଲ ନୋଟ୍ ଟଙ୍କା ବଦଳାଇଥିବା ଅଭିଯୋଗ ହୋଇଥିଲା।



## ଡେଙ୍ଗୁ ମେଲେରିଆ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି କରଣ ବୈଠକ ଅନୁଷ୍ଠିତ

ବଲାଙ୍ଗୀର, ୨୬।୮(ପି.ଏନ): ଓଡିଶା ସରକାରଙ୍କ ପରିବାର କଲ୍ୟାଣ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଗତକାଲି ୨୫ ତାରିଖରେ ବଲାଙ୍ଗୀର ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହ ମଧ୍ୟରେ ଓଡିଶା ରାଜ୍ୟରେ ଡେଙ୍ଗୁ ରୋଗର ପ୍ରବଣତାକୁ ଆଖି ଆଗରେ ରଖି ବିଭିନ୍ନ ସରକାରୀ ବିଭାଗ ଓ ଏନ.ଜି.ଓ, ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀ, ପୌରପରିଷଦ, ଶିକ୍ଷା ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ ଆଦିକୁ ନେଇ ଏକ ସଂଯୋଗୀକରଣ ତଥା ସ୍ଥିତି ମୁକାବିଲା ପାଇଁ ଜରୁରୀକାଳୀନ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ସଂଯୋଗୀକରଣ ସଭା ମଧ୍ୟରେ ଡା. କୁବେର ଚନ୍ଦ୍ର ମହନ୍ତ (ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ) ଡେଙ୍ଗୁ ସମ୍ବନ୍ଧୀୟ ଏକ ବିସ୍ତାର ଉପସ୍ଥାପନ ପ୍ରଦାନ କରିଥିଲେ ଏହା ମଧ୍ୟରେ କେତେକ ସ୍ୱତନ୍ତ୍ର ଏହି ରୋଗର ଲକ୍ଷଣ: ଜ୍ୱର ଓ ଗଣ୍ଠି ଯନ୍ତ୍ରଣା ଓ ଦେହ ପୀଡା ଅନୁଭବ ହୁଏ। ଏହା ଭୁତାଣୁ ସଂସ୍ପର୍ଶରେ ଆସିବାର ୨ରୁ ୧୨ ଦିନ ପରେ ଏହି ଲକ୍ଷଣମାନ ଦେଖାଯାଏ । ଅଧିକାଂଶ ରୋଗୀ ଏକ ସପ୍ତାହ ଭିତରେ ସରକାରୀ ଚିକିତ୍ସା ବଶତଃ ଭଲ ଅନୁଭବ କରନ୍ତି କିନ୍ତୁ ବେସରକାରୀ ଚିକିତ୍ସା ଏହାକୁ ବିପଦପୂର୍ଣ୍ଣ କରାଇଥାଏ ବୋଲି ଜଣାଇଥିଲେ। ଏହା ଛଡା ଏହି ରୋଗ ଏଡିସ୍ ମଶା ଦ୍ୱାରା ବ୍ୟାପୁଥିବାରୁ ଏହାପାଇଁ ଲୋକ ସଚେତନତାକୁ ବୃଦ୍ଧି କରାଯିବା ଆବଶ୍ୟକ, ଯେପରି ସହର ମଧ୍ୟରେ କୌଣସି ସ୍ଥାନରେ ଯଥା ପାଣି କୁଲର, ଫୁଲ ଗମଲା, ଖୋଲା ସ୍ଥିର ପାଣି ଜମାହୋଇ ନ ରହିବା ପାଇଁ ବ୍ୟାପକ ଜନ ସଚେତନତା ଆବଶ୍ୟକ ହୋଇଥାଏ। ଅଳ୍ପ ବୟସର ଯୁବକ, ବୃଦ୍ଧ ଓ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିବା ଲୋକ ଏହି ରୋଗ ସଙ୍କଟରେ ଅଧିକ ରହନ୍ତି। ଏହି ବର୍ଷା ଋତୁରେ ଦୁଇ ପ୍ରଜାତିର ମଶାଙ୍କ ଦ୍ୱାରା ଏହି ରୋଗ ମାନବରୁ ମାନବକୁ ବ୍ୟାପିଥାଏ, ସେହି ମଶାଙ୍କର ନାମ ଏଡିସ୍ ? ଆଲବୋପିକ୍ଟସ ଓ ଏଡିସ ଇଜିପ୍ଟି । ଏହି ମଶା ମୁଖ୍ୟତଃ ଦିନରେ କାମୁଡ଼ନ୍ତି । ତା'ବାହାରେ ମେଲେରିଆର ପ୍ରବଣତା ମଧ୍ୟ ଏ ସମୟରେ ଦେଖାଦେଇଥାଏ। ରକ୍ତ ପରୀକ୍ଷାରେ ଭୁତାଣୁର ଆ ?ଏନ୍ ?ଏ ବା ଆଣ୍ଟିବଡି ମିଳିଲେ ରୋଗ ନିର୍ଣ୍ଣୟ ହୋଇଯାଏ। ଏଡିସ୍ ମଶା କାମୁଡି ଥିବା(ଡେଙ୍ଗୁ)ରୋଗୀ ଥରେ ସଂକ୍ରମିତ ହେଲେ ତାର ପ୍ଲାଟୀଲେଟ ଅଳ୍ପ ହୋଇଯିବାର ଲକ୍ଷଣ ଦେଖାଯାଏ ତେଣୁ ଏହାପାଇଁ ଘରୋଇ ଚିକିତ୍ସା ନକରି ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେବା ଆବଶ୍ୟକ। ବଲାଙ୍ଗୀର ଜିଲ୍ଲାରେ ବର୍ତ୍ତମାନ ସର୍ବମୋଟ ଏଗାର ଜଣ ରୋଗୀ ବିଭିନ୍ନ ସ୍ଥାନରୁ ସ୍ଥାନାନ୍ତରଣ ହୋଇ ଆସି ଏ ସହର ମଧ୍ୟରେ ଚିକିତ୍ସା ହେଉଛନ୍ତି କିଂତୁ ଏମାନେ ସ୍ଥାନୀୟ ବାସିନ୍ଦା ନୁହନ୍ତି, ଏମାନଙ୍କ ଚିକିତ୍ସାର ସମ୍ପୂର୍ଣ୍ଣ ଚିକିତ୍ସା ପାଇଁ ବିଭାଗ ପ୍ରଯତ୍ନ କରିଛି।ଡେଙ୍ଗୁ ରୋଗର ନିୟନ୍ତ୍ରଣ ନିମନ୍ତେ ସମ୍ପୂର୍ଣ୍ଣ ମଶା ନିୟନ୍ତ୍ରଣ ସ ?ହିତ ମଶା କାମୁଡ଼ା ଏଡ଼େଇବା ଆବଶ୍ୟକ। ଗୋଟିଏ ସ୍ଥାନରେ ସ୍ଥିର ଜଳ ନରଖିବା ଓ ମଶା ବିକର୍ଷକ ଔଷଧ ବ୍ୟବହାର କରିବା ସହିତ ମଶାରୀ ବ୍ୟବହାର କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ଗୁରୁ ସଭିଙ୍କୁ ପରାମର୍ଶ ଦେଇଥିବା ବେଳେ ବଲାଙ୍ଗିର ପୌର ପରିଷଦ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପୌର ପରିଷଦଙ୍କ ମିଳିତ ଉଦ୍ୟମ କ୍ରମେ ସହରକୁ ମୁକ୍ତ ପରିବେଶ ଓ ମଶାମୁକ୍ତ କରାଯାଇ ପାରିବ ବୋଲି ଜଣାଇଥିଲେ । ଡେଙ୍ଗୁର ପ୍ରାଦୁର୍ଭାବ ଥରଟିଏ ଆସିଗଲେ ଏହାକୁ ନିୟନ୍ତ୍ରଣ କରାଯିବା ବହୁତ କଠିନ ହୋଇପଡିଥାଏ ଏହା କେବଳ ଜନ ସଚେତନତା ଦ୍ୱାରା ଓ ଜିଲ୍ଲାରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଏଦିଗରେ କାର୍ଯ୍ୟ କରିବା ଆନ୍ତରିକତା ହେଲେ ଏହାକୁ ଦମନ କରାଯାଇପାରିବ ବୋଲି ସ୍ୱାସ୍ଥ୍ୟ ମିଶନ ପ୍ରଜେକ୍ଟ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ ସଭିଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସଂଯୋଗୀକରଣ ସଭାରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟକିଶୋର ପତି, ଡା. ତୁଷାରକାନ୍ତ ଠାକୁର, ବଲାଙ୍ଗିର ଜିଲ୍ଲା ଶିଶୁ ଉନ୍ନୟନ ପ୍ରକଳ୍ପ, ବି.ଇ.ଓ, ବଲାଙ୍ଗୀର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେସନାଲ ପିସ ୟୁନିସନ, ରାଜେନ୍ଦ୍ର ଯୁବ ସଂଘ ଉଭୟ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆଶା ଓ ଏ.ଏନ.ମ୍ ସ୍ୱାସ୍ଥ୍ୟ କର୍ମୀ ଗଣ ଯୋଗଦାନ କରିଥିଲେ। ଉପରୋକ୍ତ ସଂଯୋଗୀକରଣ ସଭାକୁ ଜିଲ୍ଲା ଅତିରିକ୍ତ ଜାତୀୟ ମିଶନ ମ୍ୟାନେଜର ରାମାନୁଜ ପଣ୍ଡା ଅଧକ୍ଷତା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଦ ମାଫିଆକୁ ଟାର୍ଗେଟ କରି କୋର୍ଟ ଭିତରେ ଚାଲିଲା ଗୁଳି

ନୂଆଦିଲ୍ଲୀ, ୨୬।୮(ପି.ଏନ): ବିହାରର ସମସ୍ତିପୁରରେ ଥିବା ଗୋଟିଏ କୋର୍ଟ ଭିତରେ ଚାଲିଛି ଗୁଳି। ୪ ଜଣ ଦୁର୍ବୃତ୍ତ କୋର୍ଟ ଶୁଣାଣି ବେଳେ ଆଖିବୁଜା ଗୁଳି ମାଡ କରିଛନ୍ତି। ସେମାନେ ବେଆଇନ ମଦ କାରବାର ଘଟଣାରେ ଗିରଫ ପ୍ରଭାବ ଚୌଧୁରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୁଳି ମାଡ କରିଥିଲେ। ଆଜି ପ୍ରଭାତ ମାମଲାର ଶୁଣାଣି ପାଇଁ କୋର୍ଟରେ ହାଜର ହୋଇଥିବା ବେଳେ ତାଙ୍କ ଉପରକୁ ଗୁଳି ମାଡ ହୋଇଛି।

## ଆସିକା ଗ୍ରସ୍ତରେ ୫-ଟି ସଚିବ ଭି କେ ପାଣ୍ଡିୟାନ୍

ଆସିକା ,୨୬।୮(ପି.ଏନ): ତିନି ଦିନିଆ ଗଞ୍ଜାମ ଜିଲ୍ଲା ଗ୍ରସ୍ତରେ ୫-ଟି ସଚିବ ଭି କେ ପାଣ୍ଡିୟାନ୍ ଆସି ବିକାଶ ମୂଳକ କାର୍ଯ୍ୟର ତଦାରଖ କରୁଥିବା ବେଳେ,ଆଜି ଦ୍ୱିତୀୟ ଦିନରେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ପଡ଼ିଆ ଠାରେ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ସମସ୍ତ ସ୍କୁଲ ଓ କଲେଜ ଗୁଡ଼ିକୁ ୫-ଟିରେ ସାମିଲ୍ କରଯାଇଛି। ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ୫-ଟି ରେ ରୂପାନ୍ତରିତ କରିବା ପାଇଁ ୪୨ କୋଟି ଟଙ୍କା ଅନୁମୋଦିତ ହୋଇଛି। ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ମାଆ ମାନଙ୍କୁ ସଶକ୍ତ କରାଇ ଘରୁ ବାହାରକୁ ବାହାରି ବାକୁ ପ୍ରୋତ୍ସାହିତ କରାଇଥିବା ଏବଂ ମାଆ ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିଥିବା କହିଛନ୍ତି। ମିଶନ ଶକ୍ତି ମାଆ ମାନେ ନିଜ ପଞ୍ଚାୟତ କିମ୍ବା ଏନ୍.ଏ.ସି ରେ ବନ୍ଦ ପଡିରହିଥିବା ସରକାରୀ କୋଠା ଗୁଡ଼ିକୁ ବିଡ଼ିଓ କିମ୍ବା ଏନ.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କୁ ଲିଖିତରେ ଜଣାଇ ଉନ୍ନତି ମୂଳକ କାର୍ଯ୍ୟରେ ଲଗାଇ ପାରିବେ ବୋଲି ମଧ୍ୟ କହିଛନ୍ତି।ଆଜିର ଜନ ଅଭିଯୋଗ ସଭାରେ ପାଇଥିବା ସମସ୍ତ ମନ୍ଦିର, ମସଜିଦ୍, ଚର୍ଚ୍ଚ, କମିନ୍ୟୁଟି ହଲ୍ ପାଇଁ ଯେଉଁ ଦରଖାସ୍ତ ଦେଇଛନ୍ତି, ଆସନ୍ତା ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଅନୁଦାନ ଦେବେ ବୋଲି କହିଛନ୍ତି। ଲୋକଙ୍କ ସେବା କର ଭଲ କାମ କରିଲେ ଆହୁରି ଅନୁଦାନ ଦିଆ ଯିବା କହିଛନ୍ତି। ମତେ ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ସୁଖ ଦୁଃଖ ବୁଝିବା ଲାଗି ପଠାଇ ଥିବା ବଖାଣିଛନ୍ତି। ସମସ୍ତ ଏମବିକେ, ସି.ଆର୍.ପି ମାନଙ୍କ କାର୍ଯ୍ୟ ଦକ୍ଷତା କୁ ମଧ୍ୟ ପ୍ରଶଂସା କରି ଧନ୍ୟବାଦ ଜଣାଇଛନ୍ତି।



## ଚନ୍ଦ୍ରାୟନ-୩ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ମାଲକାନଗିରିର ଯୁବ ବୈଜ୍ଞାନିକ ଜୟନ୍ତ

ମାଲକାନଗିରି, ୨୬।୮(ପି.ଏନ): ଉପାନ୍ତ ଅଂଚଳର ଶିକ୍ଷକଙ୍କ ପୁଅ ଇସ୍ରୋ ବୈଜ୍ଞାନିକ। ଚନ୍ଦ୍ରାୟନ-୩ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ମାଲକାନଗିରିର ଯୁବ ବୈଜ୍ଞାନିକ ଜୟନ୍ତ କୁମାର ହାଲଦାର। ଜୟନ୍ତ କେରଳ ଥିରୁଅନନ୍ତପୁରମ ସ୍ଥିତ ବିକ୍ରମ ସାରାଭାଇ ସ୍ପେଶ ସେଂଟରରେ ମେକାନିଜମ୍ ବିଭାଗରେ ବରିଷ୍ଠ ବୈଜ୍ଞାନିକ ଭାବେ କାମ କରୁଥିବା ବେଳେ ଚନ୍ଦ୍ରାୟନ - ୩ ପ୍ରକଳ୍ପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ମାଲକାନଗିରି ଜିଲ୍ଲାରେ ତାଙ୍କ ସ୍ୱର୍ଗୀୟ ବାପା ଜୟଦେବ ହାଲଦାର ଶିକ୍ଷକତା କରୁଥିଲେ। କୋରାପୁଟ ଜବାହାର ନବୋଦୟ ବିଦ୍ୟାଳୟରେ ପାଠ ପଢି ଆଇଆଇଏସଟି ଅନୁଷ୍ଠାନରେ ଏଇରୋସ୍ପେସ ଇଂଜିନିୟରିଂ କରିବା ଲାଗି ଜୟନ୍ତ ସୁଯୋଗ ପାଇଥିଲେ। ୨୦୧୨ରେ ଏଇରୋସ୍ପେସ ଇଂଜିନିୟରିଂ ଶେଷ କରିବା ପରେ ସେ ଇସ୍ରୋରେ ଯୁବ ବୈଜ୍ଞାନିକ ଭାବେ କାମ କରୁଥିଲେ। ଚନ୍ଦ୍ରାୟନ-୩ ପ୍ରକଳ୍ପ ଲାଗି ଜୟନ୍ତଙ୍କ ଟିମ୍ ପ୍ରୋପେଲର ୱିଂଗର ମେକାନିକ୍ସ ଡିଭିଜନରେ ଦିନରାତି କାମ କରି ସଫଳତା ହାସଲ କରିଥିଲେ। ଜୟନ୍ତ ବିବାହିତ। ସେ ସଂପ୍ରତି ଥିରୁଅନନ୍ତପୁରମରେ ରହୁଛନ୍ତି।

## ଫିରିଙ୍ଗିଆ ଥାନାର ପୂର୍ବତନ ଆଇଆଇସି ଓ ଦୁଇ ହୋମଗାର୍ଡଙ୍କ ବିରୋଧରେ ମାମଲା ରୁଜୁ

ଭୁବନେଶ୍ୱର, ୨୬।୮(ପି.ଏନ): ପୁଲିସ ଗାଡିରେ ଗଞ୍ଜେଇ ଚାଲାଣ ଭିଡିଓ ଭାଇରାଲ ଘଟଣାରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନାର ପୂର୍ବତନ ଆଇଆଇସି ତପନ କୁମାର ନାହାକ ଓ ଦୁଇ ହୋମ୍‌ଗାର୍ଡ- ପ୍ରଶାନ୍ତ କୁମାର ପାତ୍ର ଏବଂ ରବୀନ୍ଦ୍ର କୁମାର ନାୟକଙ୍କ ନାଁରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। କନ୍ଧମାଳ ଜିଲ୍ଲା ଅତିରିକ୍ତ ଏସ୍‌ପି ଲଳିତ କୁମାର ପଟ୍ଟନାୟକଙ୍କ ରିପୋର୍ଟ ଆଧାରରେ ଫିରିଙ୍ଗିଆ ଥାନାରେ ଏହି ତିନି ପୁଲିସ୍ କର୍ମଚାରୀଙ୍କ ନାଁରେ ମାମଲା ରୁଜୁ ହୋଇଛି।ପୁଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯିବା ପରେ କନ୍ଧମାଳ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୨୮ ତାରିଖରେ ଫୁଲବାଣୀରେ ଆୟୋଜିତ ହେବାକୁ ଥିବା ଶୋଭାଯାତ୍ରା ଓ ସମାବେଶକୁ ସ୍ଥଗିତ କରି ଦିଆଯାଇଛି। ମିଳିତ ମଞ୍ଚର ଆବାହକ ଲମ୍ବୋଧର କହଁର ଏହି ସୂଚନା ଦେଇଛନ୍ତି। ତତ୍‌କାଳୀନ ଆଇଆଇସି ତପନ କୁମାର ନାହାକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିବାକୁ ତଥା ଥାନା ପୋଡି ମାମଲାରେ କିଛି ଲୋକଙ୍କୁ ଗିରଫ କରିବା ପରେ ନିସ୍ତୁକ ମାଡ ମରାଯାଇଥିବା ପ୍ରତିବାଦରେ କନ୍ଧମାଳ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୨୮ରେ ଫୁଲବାଣୀରେ ଶୋଭାଯାତ୍ରା ଓ ସମାବେଶ ପାଇଁ ଡାକରା ଦିଆଯାଇଥିଲା।



## ପାଣ୍ଡିଆନ୍ ଯୁଆଡେ ଯିବେ କଂଗ୍ରେସ ଅଣ୍ଡା ମାଡ କରିବ : ସାଲୁଜା

ଭୁବନେଶ୍ୱର, ୨୬।୮(ପି.ଏନ): ସଚିବ ଭିକେ ପାଣ୍ଡିଆନ ଯୁଆଡେ ଯିବେ କଂଗ୍ରେସ ଅଣ୍ଡା ମାଡ଼ ଓ କାଳି ମାଡ଼ କରିବ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା।ସେ କହିଛନ୍ତି ଜଣେ ସଚିବ ଜଣେ ଲୋକ ପ୍ରତିନିଧିଙ୍କୁ ଅପମାନିତ କରିପାରିବ ନାହିଁ। ତାଙ୍କ ବିରୋଧରେ କୌଣସି ଟିପ୍ପଣି କରିପାରିବ ନାହିଁ । ଏହା ରୁଲ୍‌ବୁକ୍ ୪୭ ର ଖୋଲାଖୋଲି ଉଲଘଂନ ହେଉଛି। ବିଜୁ ଜନତା ଦଳର ସମସ୍ତ ବିଧାୟକ କାହିଁକି ଏ ସମସ୍ତ ଘଟଣା ପ୍ରତି ଚୁପ୍ ରହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଟମାଟୋ ମାରିଲେ ୩୦୭ କେସ୍ ହୁଏ। କିନ୍ତୁ ବିଧାୟକଙ୍କୁ ପଥର, ପାଣି ବୋତଲ ଓ ଅଣ୍ଡା ମାଡ଼ କଲାପରେ ମଧ୍ୟ ପୁଲିସ୍ କାହାରି ବିରୁଦ୍ଧରେ କେସ୍ କଲା ନାହିଁ କାହିଁକି ? ବିଧାୟକଙ୍କର ଗାଡ଼ି ଉପରେ ଚଢ଼ି ତାଙ୍କୁ ଆକ୍ରମଣ କରୁଥିଲାବେଳେ ପୁଲିସ୍ ସେମାନଙ୍କୁ ଲାଠି ଚାର୍ଜ କଲା ନାହିଁ କାହିଁକି ? ତାଙ୍କୁ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମହିଳା ନିର୍ଯାତନାରେ ଓଡିଶା ଦେଶରେ ପ୍ରଥମ। ବେବିନାଠୁ ମମିତା ସବୁଠି ରାଜ୍ୟ ସରକାର ଲୁଚାଇବା ପାଇଁ ଚେଷ୍ଟା କରିଛନ୍ତି। ଏଭଳି ମାମଲାରେ ବିଜେଡି ନେତାଙ୍କ ନାଁ ସାମ୍ନାକୁ ଆସୁଥିଲେବି ସମ୍ପୃକ୍ତ ବିଜେଡି ନେତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଏ ନାହିଁ। ମାହାଙ୍ଗାରେ ୩ଟି ହତ୍ୟାକାଣ୍ଡରେ ସ୍ଥାନୀୟ ବିଧାୟକଙ୍କ ନାଁ ଆସିଲା ହେଲେ ତାଙ୍କୁ ଛାଡି ଦିଆଗଲା। ସେହିପରି ମହିଳା ହୋମଗାର୍ଡଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲାରେ ଆଜି ପର୍ଯ୍ୟନ୍ତ ଡିଆଇଜିଙ୍କ ପତ୍ନୀଙ୍କ ନାଁରେ ମାମଲା ହେଲାନି କି ଗିରଫ କରାଗଲାନି ବୋଲି ବିଧାୟକ କହିଛନ୍ତି।

## ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ୫-ଟି ସଚିବ

ଭୁବନେଶ୍ୱର, ୨୬।୮(ପି.ଏନ): ପୁରୀରେ ୫-ଟି ସଚିବ ଭିକେ ପାଣ୍ଡିଆନ । ଦୁଇଦିନିଆ ଗଞ୍ଜାମ ଗସ୍ତ ସାରି ସିଧାସଳଖ ପୁରୀ ଯାଇଛନ୍ତି ୫-ଟି ସଚିବ । ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଦର୍ଶନ ସାରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି । ସାଥିରେ ପୁରୀ ଉପଜିଲ୍ଲାପାଳଙ୍କ ସମେତ ଓବିସିସି ଓ ନିର୍ମାଣକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଛନ୍ତି । ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ।



## ନୂତନ ଥାନାଧିକାରୀ ଙ୍କୁ ମିଡ଼ିଆ ଫୋରମ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



ଅସ୍ତରଙ୍ଗ, ୨୬।୮(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଥାନାରେ ନୂତନକରି ଥାନାଧିକାରୀ ଭାବେ ଯୋଗ ଦେଇଛନ୍ତି ରାଜେଶ ବଳିୟାରସିଂ. ବୁଧବାର ସନ୍ଧ୍ୟା ରେ ଅସ୍ତରଙ୍ଗ ଥାନାରେ ପହଂଚିବା ପରେ ଶନିବାର ଅସ୍ତରଙ୍ଗ ମିଡ଼ିଆ ଫୋରମ ସଦସ୍ୟ ମାନେ ତଥା ମାନସ ଖଣ୍ଡୁଆଳ, ଆଦିତ୍ୟ ରାଉତ, ବିଜୟ ବେହେରା, ଅନିଲ ବାରିକି, ଟୁଲୁ ବେହେରା, ବିନୋଦ ସେଠୀ ପ୍ରମୁଖ ପୁଷ୍ପ ଗୁଛ ଦେଇ ନୂତନ ଥାନାଧିକାରୀ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଅସ୍ତରଙ୍ଗ ବିଭିନ୍ନ ଆଇନି ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବ ରେ ଥାନାର ସବଇନିସ୍ପେକ୍ଟର ସଂଗ୍ରାମ କେଶରୀ ସ୍ୱାଇଁ, ଦୀପକ ସାମନ୍ତସିଂହାର, ଏ. ଏସ. ଆଇ ପ୍ରଶାନ୍ତ ବିଶ୍ୱାଳ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଆଇନି ଶୃଙ୍ଖଳା ପରିସ୍ଥିତି କୁ ନେଇ ଶ୍ରୀ ବଳିୟାରସିଂ ତଦାରଖ କରିବେ ବୋଲି ପ୍ରତିକ୍ରିୟା ମତ ରଖିଥିଲେ। ଅସ୍ତରଙ୍ଗ ମିଡ଼ିଆ ଫୋରମ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଯୋଗଦାନ ଦେଇପାରିନଥିଲେ।

## ସରକାରୀ ଅଧିକାରୀମାନେ ନିଜ ସୀମା ଭିତରେ ରହି କାମ କରନ୍ତୁ : ପିସିସି ସଭାପତି

ଭୁବନେଶ୍ୱର,୨୬।୮(ପି.ଏନ): ଓଡ଼ିଶା ହେଉଛି ଭାରତବର୍ଷରେ ଏକମାତ୍ର ରାଜ୍ୟ ଯେଉଁଠାରେ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ମାନଙ୍କୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ ସାଧାରଣ ସଭାରେ ଅପମାନିତ କରିବା ସହ ବିଧାୟକଙ୍କ ବିରୋଧରେ ଭାଷଣବାଜୀ ମଧ୍ୟ କରୁଛନ୍ତି। କିନ୍ତୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏ ସରକାର ଶକ୍ତିହୀନ କାହିଁକି ବୋଲି



ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ ପ୍ରଶ୍ନ ପ୍ରଚାରିଛନ୍ତି। ସେ କହିଛନ୍ତି ରାଜ୍ୟର ଆଇନର ଶାସନ ପରିବର୍ତ୍ତେ କିଭଳି ରାଜ୍ୟରେ ଜଙ୍ଗଲୀ ଶାସନ ଚାଲିଛି ? ମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତରେ ତାଙ୍କର ବ୍ୟକ୍ତିଗତ ସଚିବ ସାରା ରାଜ୍ୟ ଗ୍ରସ୍ତ କରିବା ଏବଂ ଗସ୍ତକରିବା ଛଳରେ ସଭାସମିତିରେ ରାଜନୈତିକ ଭାଷଣବାଜି କରିବା ଏପରିକି ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅପମାନିତ କରିବା କାର୍ଯ୍ୟକୁ ସେ କଡ଼ା ଭାଷାରେ ନିନ୍ଦା କରିବା ସହିତ ଦୃଢ଼ ଭାବରେ ବିରୋଧ କରିଛନ୍ତି। ରାଜ୍ୟରେ ଏଭଳି ଅଧପତନ ପାଇଁ ଖୋଦ ମୁଖ୍ୟମନ୍ତ୍ରୀ ଏବଂ ବିଜୁ ଜନତା ଦଳର ନେତୃବର୍ଗଙ୍କ ଦୀର୍ଘ ନିରବତା ହିଁ ଦାୟୀ। ଗଣତନ୍ତ୍ରର ଗଣ ହେଉଛନ୍ତି ସର୍ବମାନ୍ୟ। ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସାଧାରଣ ସଭାରେ ଅପମାନିତ କରିବା ପାଇଁ ତାଙ୍କୁ ଏ ସାହସ ଦେଲା କିଏ ? କଂଗ୍ରେସ ଏଭଳି ପରିସ୍ଥିତିକୁ ବରଦାସ୍ତ କରିବ ନାହିଁ। ସରକାରୀ ଅଧିକାରୀମାନେ ନିଜ ସୀମା ଭିତରେ ରହି କାମ କରନ୍ତୁ। ସୀମା ଉଲ୍ଲଙ୍ଘନ କଲେ କଂଗ୍ରେସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବ। ଓଡ଼ିଶାର ଜନସାଧାରଣ ବିଚାର କରିବାର ସମୟ ଆସିଛି ଯେଉଁ ବିଜୁ ଜନତା ଦଳର ନେତୃବୃନ୍ଦଙ୍କୁ ନିଜ ଅଂଚଳରୁ ନିର୍ବାଚିତ କରି ପଠାଇଥିଲେ, ସେମାନେ ରାଜ୍ୟରେ ଏଭଳି ସ୍ଥିତିକୁ ଦେଖି କାହିଁକି ପ୍ରତିବାଦ କରୁନାହାନ୍ତି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୍ଞସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ସବୁଜିମାର ଜୀବନ



ପ୍ରକୃତିକୁ ମା' ସହ ତୁଳନା କରାଯାଇଥାଏ। ମଣିଷ ଜୀବନର ପ୍ରତିଟି ଜୀବନ, ପ୍ରତିଟି କ୍ଷଣ ସର୍ବଂସହା ପ୍ରକୃତି ସହ ଜଡ଼ିତ। ଜଣେ ପ୍ରକୃତିର କୋଳରେ ହିଁ ସୁରକ୍ଷିତ କିନ୍ତୁ ବିଭିନ୍ନ ଭାବରେ ପ୍ରକୃତି ଆଜି ଯେଉଁପରି ଭାବରେ ଉଦ୍‌ବେଗଜନକ ସ୍ଥିତିରେ ଅବକ୍ଷୟର ଶିକାର ହେଉଛି ତାହା ହିଁ ଆଜି ସମୟ ପାଇଁ ବଡ଼ ଆହ୍ୱାନ। ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲିଛି, ବିଭିନ୍ନ ଆନ୍ଦୋଳନ ବି ନୂଆ ନୂଆ ସ୍ଲୋଗାନ ନେଇ କାର୍ଯ୍ୟ କରୁଛନ୍ତି ତଥାପି ଦେଖାଯାଉଛି ପ୍ରକୃତିର ଅବକ୍ଷୟ ପାଇଁ ଆମ ସମସ୍ତଙ୍କ ଭିତରେ ଯେଉଁ ପରିମାଣର ଆବେଗ, ଦାୟିତ୍ୱବୋଧତା ଓ ଭଲପାଇବା ରହିବା କଥା ତାହା ସମ୍ଭବତଃ ଯଥାର୍ଥ ହୋଇପାରୁନାହିଁ। ଆଜିର ଅବକ୍ଷୟମୁଖୀ ପ୍ରକୃତିକୁ ରକ୍ଷା କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାର (ଚଳିତବର୍ଷ ଅକ୍ଟୋବର ୩)କୁ ୱାର୍ଲ୍ଡ ହାବିଟାଟ୍ ଡେ ବିଶ୍ୱ ପ୍ରାକୃତିକ ବାସ ଦିବସ ଭାବରେ ପାଳନ କରାଯାଉଛି। ୧୯୮୫ ଡିସେମ୍ବରରେ ମିଳିତ ଜାତିସଂଘ ସାଧାରଣ ପରିଷଦର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହି ଅଧିବେଶନରେ ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାରକୁ ୱାର୍ଲ୍ଡ ହାବିଟାଟ୍ ଡେ ଭାବରେ ପାଳନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ୧୯୮୬ରୁ ଏ ପର୍ଯ୍ୟନ୍ତ ଠିକ୍ ସେହିଦିନ ଏହି ଦିବସକୁ ପାଳନ କରାଯାଉଛି। ପ୍ରକୃତିର ସବୁଜିମା ପରିବେଶ ଭାରି ମନୋରମ। କିନ୍ତୁ ଆଜିକାଲି ଏହା ଅନେକ ଜାଗାରେ ସ୍ୱପ୍ନ ପାଲଟି ଗଲାଣି। ମଣିଷ ଆଦିମ ଅବସ୍ଥାରେ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ଚାଷ କରି ଶିଖିଲା। ସମୟ ସହ ତାଳ ମିଳାଇ ନିଜ ପାଇଁ ମାନବ ସମାଜ ରହିବାକୁ ଯେଉଁ ପ୍ରଣାଳୀ ଅବଲମ୍ବନ କରୁଛି ତାହା ଦ୍ୱାରା ପ୍ରକୃତି କ୍ଷତିଗ୍ରସ୍ତ ହେଉଛି। ସହରୀକରଣ ତାହାର କାୟା ବିସ୍ତାର କରି ଚାଲିଛି। ତା'ସହ କଳକାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ କଟାଯାଉଛି। ଫଳରେ ଜଙ୍ଗଲ କ୍ଷୟ ହେବା ସହ ଅନେକ ପଶୁପକ୍ଷୀ ବାସହରା ହେଉଛନ୍ତି। ଏଥିପାଇଁ କେତେକ ପ୍ରଜାତିର ପଶୁପକ୍ଷୀ ଲୋପ ପାଇଗଲେଣି ତ ଆଉ କେତେକଙ୍କ ସଂଖ୍ୟା ଦିନକୁ ଦିନ କମି ଚାଲିଛି। ମଣିଷ ସିନା ବଞ୍ଚି ଯାଉଛି ହେଲେ କଂକ୍ରିଟ ଜଙ୍ଗଲ ପାଇଁ ସବୁଜିମା ପରିବେଶର କେତେ କ୍ଷତି ହେଉଛି ତାହା ବିଚାରସାପେକ୍ଷ। କଳକାରଖାନା ଚାଲିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ତେଣୁ ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯିବ ଏବଂ ତା'ସହ ପ୍ରକୃତିର ସେହି ସବୁଜ ବଳୟ କିପରି ପ୍ରଭାବିତ ହେବନାହିଁ ସେ ନେଇ ଚିନ୍ତା କରିବାର ସମୟ ଆସିଛି। ଏହି ଦିବସ ପାଳନ ଅବସରରେ ପ୍ରାକୃତିକ ବାସ କିପରି ସୁରକ୍ଷିତ ରହିବ ସେ ସେଇ ଜନସଚେତନତା ସୃଷ୍ଟି କରାଯାଇଥାଏ। ଯଦି ଏହା ପ୍ରତି ନଜର ଦିଆ ନଯାଏ ତେବେ ସମୟ ଆସିବ ପ୍ରକୃତିର ଏହି ସବୁଜିମା ବଳୟ ସବୁଦିନ ପାଇଁ ଲୋପ ପାଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ବର୍ତ୍ତମାନ ମଣିଷ ସାମଗ୍ରିକ ବିକାଶ ପାଇଁ ଯେଉଁ ଅଭିବୃଦ୍ଧି ଓ ବିକାଶର ଗତିରେ ଚାଲୁଛି ତାହା ନିଶ୍ଚିନ୍ତ ତାହାର ଦାୟିତ୍ୱବୋଧତା କିନ୍ତୁ ଏହା ସହ ପ୍ରକୃତିର ସଂରକ୍ଷଣ ଓ ଏହାର ସୁରକ୍ଷା ପାଇଁ ଆମ୍ଭମାନଙ୍କର ଦାୟିତ୍ୱ ଯାହା ରହିଛି ତାହା ଏହି ଦିବସ ଠାରୁ ବାସ୍ତବରେ ପରିଣତ ହୋଇ କିଛିଟା କାର୍ଯ୍ୟକାରୀ ହୋଇପାରିଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପୂରଣ ହୋଇପାରିବ।

**ଗୋପୀନାଥ ଦାଶ**, ବରଦା, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୮୮୯୫୨୯୬୧୬୭

# ଚିତ୍ତରଞ୍ଜନ ଦାସ

ପ୍ରଫେସର ଚିତ୍ତରଞ୍ଜନ ଦାସ ଜଣେ ସୁପ୍ରସିଦ୍ଧ ସାହିତ୍ୟିକ, ଶିକ୍ଷାବିତ୍ ଓ ସମାଜସେବୀ। ହାଇସ୍କୁଲ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ଚିତ୍ତରଞ୍ଜନ, ନିଜର ଅସାଧାରଣ ମେଧା-ଶକ୍ତି ଓ ପ୍ରଜ୍ଞା ବଳରେ ସବୁ କ୍ଷେତ୍ରରେ ସଫଳତାର ଶୀର୍ଷ ଛୁଇଁଥିଲେ। ୧୯୪୨ରେ ସେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ପଢ଼ା ଛାଡ଼ିଥିଲେ। ସୁରେନ୍ଦ୍ର ନାଥ ଦ୍ୱିବେଦୀ ଥିଲେ ତାଙ୍କ ସଂଗ୍ରାମୀ ଜୀବନର ରାଜନୈତିକ ଗୁରୁ। ବ୍ରିଟିସ ବିରୋଧୀ କାର୍ଯ୍ୟକଳାପରେ ସାମିଲ ହୋଇ ଗିରଫ ହୋଇଥିଲେ। ଏଥିପାଇଁ ତାଙ୍କୁ ଦେଢ଼ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା। ଜେଲ ରହଣି କାଳରେ ସେ ଅସଂଖ୍ୟ ବହି ପଢ଼ି ନିଜକୁ ସୁଗଠିତ କରିବାରେ ସଫଳ ହୋଇଥିଲେ। ଜେଲରୁ ମୁକୁଳିବା ପରେ ସେ ଉଚ୍ଚ ଶିକ୍ଷା ପାଇଁ ଯାଇଥିଲେ ଶାନ୍ତିନିକେତନ ସେଠାରୁ ଡେନମାର୍କର କୋପେନହେଗେନ୍ ଯାତ୍ରା ଓ ମନୋବିଜ୍ଞାନ ଅଧ୍ୟୟନ। ପ୍ରାୟ ଚାରି ବର୍ଷ ବିଦେଶରେ କଟିଥିଲା। ଏହି ସମୟ ମଧ୍ୟରେ ଏକାଧିକ ବିଦେଶୀ ଭାଷା ଶିକ୍ଷା କରିଥିଲେ। ସ୍ୱଦେଶ ଫେରିବା ପରେ ଅନୁଗୋଳର ଚମ୍ପତିମୁଣ୍ଡାରେ ସ୍ଥାପିତ ଜୀବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। କବିତା, ଭ୍ରମଣ ସାହିତ୍ୟ, ଅନୁବାଦ ସାହିତ୍ୟ, ଶିଶୁ ସାହିତ୍ୟ, ପ୍ରବନ୍ଧ ଓ ରାମ୍ୟ ରଚନା, ଆଲୋଚନା ତଥା ଗବେଷଣା ଉପରେ ଦୁଇ ଶହରୁ ଅଧିକ ପୁସ୍ତକ ସେ ରଚନା କରିଛନ୍ତି। ମିତ୍ରସ୍ୟ ଚକ୍ଷୁସା ତାଙ୍କର ଆତ୍ମଚରିତ। ଜୀବନ ବିଦ୍ୟାଳୟ ପାଇଁ ୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଆ ଓ ଓଡ଼ିଶା ପାଇଁ ୧୯୮୯ରେ ଶାରଳା ଏବଂ ବିଶ୍ୱକୁ ଗବାକ୍ଷ ପାଇଁ ୧୯୯୮ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଦ୍ୱାରା ସେ ସମ୍ମାନିତ। ୧୯୨୩ ଅକ୍ଟୋବର ଆଜିର ଦିନରେ କଟକ ଜିଲ୍ଲା ଅନ୍ତର୍ଗତ ବାଗଲପୁର ଗ୍ରାମରେ ଚିତ୍ତରଞ୍ଜନ ଦାସ ଜନ୍ମ ଗ୍ରହଣ କରିଥିଲେ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦**

## ଓଡିଶା ସୀମା ସମସ୍ୟା: ଛତିଶଗଡ ଭୁଲ ସ୍ୱୀକାର କଲା, ଆନ୍ଧ୍ର ଓ ପଶ୍ଚିମବଙ୍ଗ କେବେ?

ଭୁବନେଶ୍ୱର (ପିଏନ୍): ନିକଟରେ ଛତିଶଗଡର ଚିନ୍ତଲନାଡବାସୀ ଓଡିଶା ଭିତରେ ପଶି ଶହ ଶହ ଗଛ କାଟିଦେବା ପରେ ୩ କିଲୋମିଟର ଅଞ୍ଚଳକୁ ସଫା କରି ସେହି ଅଞ୍ଚଳକୁ ନିଜ ରାଜ୍ୟରେ ମିଶାଇ ଦେବା ପାଇଁ ଚେଷ୍ଟା କରୁଥିଲେ। ଏହି ଖବର ଆମ ବନ ବିଭାଗ ଓ ତହସିଲଦାରଙ୍କୁ ମିଳିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଦୁଇ ରାଜ୍ୟର ଅଧିକାରୀ ଏବଂ ଚିନ୍ତଲନାଡ ଓ କମାରପାଲୀର ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଚିନ୍ତଲନାଡ ଗ୍ରାମବାସୀ ଓଡିଶା ଭିତରେ ପଶି ଗଛ କାଟିବା ସହିତ ନିଜ ରାଜ୍ୟରେ ମିଶାଇବାକୁ ଚେଷ୍ଟା କରୁଥିଲେ ବୋଲି ମାନିବା ସହ ଏହା ତାଙ୍କର ଭୁଲ ଥିଲା ବୋଲି ସ୍ୱୀକାର କରିଥିଲେ ଓ ଆଗକୁ ଏମିତି ହେବ ନାହିଁ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଛତିଶଗଡରେ ଆପୋଷ ଆଲୋଚନା ହେବା ଦ୍ୱାରା ସୀମା ବିବାଦ ଟଳି ଯାଇଥିବାରୁ ଉତ୍କଳ ସମ୍ମିଳନୀ ଏହାକୁ ସ୍ୱାଗତ କରିବା ସହିତ ଏହିଭଳି ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗ କେବେ ନିଜ ଭୁଲ ସ୍ୱୀକାର କରିବେ ଓ ଆଗକୁ ଏଭଳି ହେବନାହିଁ ବୋଲି ପ୍ରତିଶ୍ରୁତି ଦେବାପାଇଁ ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି । ଓଡିଶା ସୀମା ଭିତରେ ୩ କିଲୋମିଟର ଜଙ୍ଗଲ କଟା ହେଲା ଓ ଏହା କେହି କିପରି ଜାଣିପାରିଲେ ନାହିଁ ବୋଲି ଆଶ୍ଚର୍ଯ୍ୟ ପ୍ରକଟ କରି ଏହାଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦାବି କରିଛନ୍ତି।

# ଶକ୍ତି ରୂପେଣ ସଂସ୍ଥିତା...

*"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା*
*ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ।"*



ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା



ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏହି ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ। 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି। ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ। ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ। ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୁକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି। ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା । ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-



ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ । ଦେବତାମାନଙ୍କ କୋପାନଳରୁ ସମ୍ଭୁତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ – ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଲୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା



ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ । ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏହି ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି । ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

**—ଡକ୍ଟର ମନୋରଞ୍ଜନ ବିଷୋୟୀ**
*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭, ଫୋନ୍: ୮୮୯୫୧୪୧୭୨୭*

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭୁବନେଶ୍ୱରରେ ରାଜୀବ ଉତ୍ସବ ୨୦୨୩ ପାଳିତ

ଭୁବନେଶ୍ୱର,(ପି.ଏନ): ଆଜି ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀଠାରେ ବିଶିଷ୍ଟ ରାଜନୀତିଜ୍ଞ ଡକ୍ଟର ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୯ତମ ଜନ୍ମ ଜୟନ୍ତୀ ରାଜୀବ ସେନା ପକ୍ଷରୁ ରାଜୀବ ଉତ୍ସବ-୨୦୨୩ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ପଂଚାନନ କାନୁନଗୋ ଯୋଗ ଦେଇ ରାଜୀବ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାପାଇଁ କହିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଯୋଗଦେଇଥିବା ଓଡିଶାର ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା କହିବା ଛଳରେ ଭାରତରେ ପ୍ରଯୁକ୍ତିବିଦ୍ୟା ଆରମ୍ଭ କରାଇବାରେ ରାଜୀବ ଗାନ୍ଧୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ବିଶିଷ୍ଟ ସାମ୍ବାଦିକ ତଥା ଓଡିଶାର ସମୀକ୍ଷକ ଭାବେ ଜନମାନସରେ ଆନ୍ଦୋଳିତ ବ୍ୟକ୍ତିତ୍ୱ ପ୍ରଦାନକାରୀ ପରିଚିତ ଥିବା ଶ୍ରୀଯୁକ୍ତ ରବି ଦାସ ରାଜୀବ ଗାନ୍ଧୀଙ୍କ କଂଗ୍ରେସ ଦଳର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡିଶାର କୋଣ ଅନୁକୋଣରୁ ଆସିଥିବା ସମାଜ ସେବୀ, ଲେଖିକା, ନୃତ୍ୟଗୁରୁ, ଛାତ୍ରଛାତ୍ରୀ , ରାଜନୀତିଜ୍ଞ ଓ ସାହିତ୍ୟିକମାନଙ୍କୁ ରାଜୀବ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯିବା ସହ ସମାଜସେବା ପାଇଁ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ପ୍ରମୋଦ କିଶୋର ପରିଡାଙ୍କୁ ଉପଢୌକନ, ମାନପତ୍ର ଏବଂ ଫଳକ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବଶେଷରେ ରାଜୀବସେନାର ସକ୍ରିୟ ସଦସ୍ୟ ଶ୍ରୀଯୁକ୍ତ ସୌମିତ୍ର କର ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ନୂଆପଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ପଞ୍ଚାୟତ ଘେରାଉ

ନୂଆପଡା,(ବିରବଲ ପ୍ରଧାନ, (ପି.ଏନ): ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଭାରତୀୟ ଜନତା ପାର୍ଟି ରାଜ୍ୟ ବ୍ୟାପି ଆନ୍ଦୋଳନ ମୁତାବକ ପ୍ରଥମ ପର୍ଯ୍ୟାୟରେ ସମସ୍ତ ଗ୍ରାମପଂଚାୟତ କାର୍ଯ୍ୟାଳୟ ଘେରାଉ କରି ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ ପାଇଁ ହୋଇଥିବା ନିଷ୍ପତ୍ତି ମୁତାବକ ନୂଆପଡା ଜିଲ୍ଲାରେ ମଧ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି । ଆଜିଜିଲ୍ଲା ବିଜେପି ସଭାପତି ଶ୍ରୀଯୁକ୍ତ ସୁବ୍ରତ କୁମାର ଠାକୁରଙ୍କ ନେତୃତ୍ୱରେ ଗୋଡାଲ ଗ୍ରାମ ପଞ୍ଚାୟତ କୁ ଶତାଧିକ କାର୍ଯ୍ୟକର୍ତ୍ତା ଓ ଜନ ସାଧାରଣ ଘେରାଉ କରି ନିଜର ହକ୍ ଦାବୀ ହାସଲ ପାଇଁ ସାମିଲ ହୋଇଥିଲେ ।ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା,ଭତ୍ତା ରୁ ବଂଚିତ ବୃଦ୍ଧ, ବୃଦ୍ଧା ଓ ବିଧବା ଙ୍କ ପାଇଁ ଭତ୍ତା ,ରାସନ କାର୍ଡ ପାଇ ନ ଥିବା ବ୍ୟକ୍ତି ଙ୍କୁ ତୁରନ୍ତ ପ୍ରଦାନ,ପଂଚାୟତ କୁ ପ୍ରଦତ୍ତ ଅର୍ଥ ଓ କ୍ଷମତା କୁ ହରଣଚାଲ ତଥା ହସ୍ତକ୍ଷେପ କରି ,ଦିଆଯାଇଥିବା ପଚାଶ ଲକ୍ଷ ଟଙ୍କା କୁ ବିନା ପଲ୍ଲୀ ଓ ଗ୍ରାମ ସଭା ରେ ଖର୍ଚ୍ଚ କରି ବିଜେଡି ଠିକାଦାର ପାଳନ ପାଇଁ ଷଡଯନ୍ତ୍ର ବିରୁଦ୍ଧରେ,୨୦୧୯ ଓ ୨୦୨୧ ର ବକେୟା କୃଷି ବୀମା ପ୍ରଦାନ,ଟାଟା କମ୍ପାନୀ ର ଗୈରାମ୍ଯ ଚଢା ବିଦ୍ୟୁତ ବିଲ,ଅବହେଳିତ ନିର୍ମାଣ ଶ୍ରମିକ ଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ହାସଲ,ଶ୍ରମିକ ଙ୍କ ବକେୟା ମନରେଗା ପାଉଣା ପ୍ରଦାନ, ମନରେଗା କାମରେ ହେଇଥିବା ଦୁର୍ନୀତି ର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ,ପଂଚାୟତ ର ଅନ୍ୟାନ୍ୟ ପ୍ରମୁଖ ଦାବିରେ ଏହି ଘେରାଉ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ,ମଣ୍ଡଳ ସଭାପତି ମାର୍କଣ୍ଡ ଗହୀର,ପୂର୍ବତନ ମଣ୍ଡଳ ସଭାପତି ଡ଼ଃ ଅରିଗଞ୍ଜନ ଯୋଶୀ,ପ୍ରେମ ଲାଲ ନାଏକ,ରିଖୀରାଜ ନାଏକ,ରୋହନ ଯୋଶୀ,ଭୁବନେଶ୍ୱର ପଟେଲ,ନିଳାମ୍ବର କଶ୍ୟପ,ଧର୍ମେନ୍ଦ୍ର ପୁରୋହିତ,ଦିନ ବନ୍ଧୁ ନାଏକ,ଭୀଷ୍ମ ଧାକଡ଼ ପ୍ରମୁଖଙ୍କ ସହିତ ଶତାଧିକ ଲୋକ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଥିଲେ ।ଠିକସେହିପରି ଚୁଲହାଭାଟ ପଂଚାୟତ ଘେରାଉ କାର୍ଯ୍ୟକ୍ରମ କୁ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ଗୋବର୍ଦ୍ଧନ ସାହୁ ସଞ୍ଚାଳନ କରିଥିବାବେଳେ ରାଜକୁମାର ମାଝୀ, ଦେଓସିଂ ମାଝୀ, ସୁକେଶ ସାହୁ,ଚୋଖାର୍ମ କେଉଟ ପ୍ରମୁଖ ଙ୍କ ସହିତ ଶତାଧିକ ଲୋକ ସାମିଲ ହୋଇଥିଲେ ।ଆଗାମୀ ପନ୍ଦର ଦିନ ଭିତରେ ଦାବୀ ପୁରଣ ନହେଲେ ଦରକାର ପଡ଼ିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଅଚଳ କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ ଚେତାବନୀ ଦେଇଥିଲେ।

# ସନ୍ଧ୍ୟା ମହାପାତ୍ରାଙ୍କ ଅକାଳ ବିୟୋଗରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଶୋକ

ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ନାରୀନେତ୍ରୀ, ସମାଜସେବୀ, ସେଲ୍‌ଫେ ଏମ୍ପ୍ଲୋଏମେଣ୍ଟ ସାଧାରଣ ସଂପାଦିକା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ଉପସଭାପତି ତଥା କେନ୍ଦ୍ରୀୟ କମିଟି ସଭ୍ୟା ସନ୍ଧ୍ୟାରାଣୀ ମହାପାତ୍ର ଗତକାଲି ଅକସ୍ମାତ ହୃଦ୍‌ଘାତରେ ଅକାଳ ବିୟୋଗ ଫଳରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଅପୂରଣୀୟ କ୍ଷତି ଘଟିଛି ବୋଲି ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ ସଭାଧାରାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପତାକା ଓ ଫୁଲ ଦେଇ କହିଛନ୍ତି । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନେତ୍ରୀ ଭାବରେ ସେ ଚାଇନାର ବେଜିଙ୍ଗ ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ମହିଳା ସମ୍ମିଳନୀରେ ଦୁଇଥର ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରତିନିଧି ଭାବେ ଯୋଗଦେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ଯୁଗ୍ମ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ବିପିନ ବିହାରୀ ରାଉତ ଜୟନ୍ତି ପୃଷ୍ଟି ଓ ବାନାମ୍ବର ବେହେରା ପରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟାଳୟରେ ଶୋକସଭା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

# ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ବୃକ୍ଷମାନଙ୍କୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଆୟୋଜନ

ଭୁବନେଶ୍ୱର,(ପି.ଏନ): ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନ ଟ୍ରଷ୍ଟ, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ନିଶିଗନ୍ଧା ସାହିତ୍ୟ ସଂସଦ ତରଫରୁ ଆସନ୍ତା ୩୦ - ୮ - ୨୦୨୩ ତାରିଖ ଦିନ ସକାଳ ୭ ଘଟିକାରୁ ଦିବା ୧୦ ଘଟିକା ପର୍ଯ୍ୟନ୍ତ ଇନ୍ଦିରା ଗାନ୍ଧୀ ପାର୍କ (ଆଇ ଜି ପାର୍କ) ରେ (ଜୟଦେବ ଭବନର ପଛ ପଟ) ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଅଛି । ଏଠାରେ ବୃକ୍ଷମାନଙ୍କୁ ପୂଜାର୍ଚ୍ଚନା ସହିତ ରକ୍ଷା ବନ୍ଧନ କରାଯିବ । ତେଣୁ ସମସ୍ତଙ୍କୁ ଅନୁରୋଧ କରେ କି ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିବାହେବେ । ବିଶେଷ କରି ନାରୀମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ । ତା ୨୮ - ୮ - ୨୦୨୩ ରିଖରେ ଉପରୋକ୍ତ ବିଷୟବସ୍ତୁ ଉପରେ ଏକ ପୁଙ୍ଖାନୁପୁଙ୍ଖ ଆଲୋଚନା ଭର୍ଚୁଆଲ କାର୍ଯ୍ୟକ୍ରମ (ଗୁଗୁଲ ମିଟ) ମାଧ୍ୟମରେ ଅନୁଷ୍ଠିତ ହେବ । ତେଣୁ ସମସ୍ତଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଲିଙ୍କ୍ ଟି ଯଥା ସମୟରେ



ଦିଆଯିବ ।ଉକ୍ତ କାର୍ଯ୍ୟକ୍ରମ ବିଷୟରେ ଅଧିକ ଜାଣିବାକୁ ଚାହୁଁଥିଲେ ସଭାପତି ମହୋଦୟଙ୍କୁ ଯୋଗାଯୋଗ କରିପାରନ୍ତି । ସଭାପତି ଶ୍ରୀଯୁକ୍ତ ଚକ୍ରଧର ତ୍ରିପାଠୀ, ଦୂରଭାଷ - ୯୪୩୭୩୦୧୯୦୬

# ପ୍ଲାଟିନମ୍‌ର ଅଧୁନାତମ ପ୍ରଚାର ଅଭିଯାନରେ କ୍ରିକେଟର୍ ସୂର୍ଯ୍ୟକୁମାର ଯାଦବ ଏକ ଦମ୍‌ଦାର ଅଭିବ୍ୟକ୍ତି ଉପସ୍ଥାପନ କରୁଛନ୍ତି

ମୁମ୍ବଇ,(ପି.ଏନ): ପ୍ଲାଟିନମ୍ ଗିଲ୍‌ଡ ଇଣ୍ଟରନ୍ୟାସନାଲ (ପିଜିଆଇ) ଇଣ୍ଡିଆର ମେନ୍ ଅଫ ପ୍ଲାଟିନମ୍ ସେମାନଙ୍କର ଅନନ୍ୟ ବର୍ଣ୍ଣନାରେ ଏକ ନୂତନ ଅଧ୍ୟାୟ ଯୋଗ କରିଛି । ଏକ ବାସ୍ତବ ପୁରୁଷ ଚରିତ୍ରର ତତ୍ତ୍ୱକୁ ଧରିରଖି ଏହି ବ୍ରାଣ୍ଡ୍ ନିଜ ମଧ୍ୟକୁ ଅଗ୍ରଣୀ କ୍ରିକେଟ ତାରକା 'ଏସ୍‌କେଓ୍ୱାଇ'- ସୂର୍ଯ୍ୟକୁମାର ଯାଦବଙ୍କୁ ସ୍ୱାଗତ କରୁଛି । ଏହାର ସଦ୍ୟତମ ପ୍ରଚାର ଅଭିଯାନର ଚେହେରା ଭାବରେ ମନୋନୀତ ସୂର୍ଯ୍ୟକୁମାରଙ୍କ ଯାତ୍ରା ସ୍ଥାୟୀ ବିରଳ ଗୁଣବତ୍ତା ପାଇଁ ପ୍ରସିଦ୍ଧ ପ୍ଲାଟିନମ୍‌ର ପ୍ରତିରୂପ ହୋଇଛି ।ଛଅଟି ଧରି ରଖିବା ଭଳି ଡିଜିଟାଲ ଚଳଚ୍ଚିତ୍ର, ଏକ ଟେଲିଭିଜନ ବର୍ଣ୍ଣନା, ମୁଦ୍ରିତ ଏବଂ ଅନ୍ୟାନ୍ୟ ବିଷୟବସ୍ତୁ ଫର୍ମାଟ ଏକତ୍ର କାର୍ଯ୍ୟକରି ସୂର୍ଯ୍ୟକୁମାରଙ୍କ ଯାତ୍ରାର ସମାନ୍ତରାଳ ବର୍ଣ୍ଣନା ସହିତ ମେନ୍ ଅଫ ପ୍ଲାଟିନମ୍ ଉପସ୍ଥାପନ କରୁଥିବା ବିରଳ ମୂଲ୍ୟବୋଧକୁ ପ୍ରଦର୍ଶିତ କରୁଛି । ଏହି ପ୍ରଚାର ଅଭିଯାନର ଚିନ୍ତନ 'ଏ ମିନିଟ୍ ୱିଥ୍ ମେନ୍ ଅଫ ପ୍ଲାଟିନମ୍ ଢ ସୂର୍ଯ୍ୟକୁମାର ଯାଦବ' ଶୀର୍ଷକ ଏକ ନିୟୋଜନକାରୀ ସିରିଜ୍ ଜରିଆରେ ଏହି ଅନନ୍ୟ କ୍ରିକେଟ ପ୍ରତିଭାଙ୍କର ଜୀବନକୁ ନେଇ ଏକ ଅନ୍ତର୍ନିବେଶୀ ଯାତ୍ରାକୁ ଜୀବନ୍ତ କରି ଗଢିତୋଳୁଛି । ଏହି ଅନନ୍ୟ ଛଅଭାଗ କ୍ଷୁଦ୍ର-ସିରିଜ ତାଙ୍କ ଜୀବନ ଉପରୁ ପରଦା ଉଠାଇବା ସହିତ ତାଙ୍କ ଯାତ୍ରାର ସମସ୍ତ ସୂତ୍ରକୁ ଖୋଜୁଛି ଏବଂ ସେଗୁଡିକୁ ମେନ୍ ଅଫ ପ୍ଲାଟିନମ୍ ପ୍ରତୀକ ହୋଇଥିବା ମୌଳିକ ମୂଲ୍ୟବୋଧ ସହିତ ମେଳ ଖୁଆଉଛି । ସୂର୍ଯ୍ୟକୁମାର ଯାଦବ ମେନ୍ ଅଫ ପ୍ଲାଟିନମ୍ ପ୍ରଚାର ଅଭିଯାନର ଅଂଶବିଶେଷ ଭାବରେ ନିଜର ଚିନ୍ତନ ସହଭାଗୀତା କରି କହିଛନ୍ତି, ନ୍ତଏଥିରେ ସଂଯୁକ୍ତ ହୋଇ ଏବଂ ନୂତନ ସମ୍ଭାର ପାଇଁ ଚଳିତ ସିଜନ୍‌ର ପ୍ରଚାର ଅଭିଯାନର ଅଂଶବିଶେଷ ହୋଇ ମୁଁ ଉଲ୍ଲସିତ ଅଛି । ପ୍ଲାଟିନମ୍ ଏଭଳି ଏକ ଧାତୁ ଯାହା ସର୍ବଦା ଝଟକୁଥାଏ ଏବଂ କଦାପି ମଳିନ ପଡେନାହିଁ, ଯେଉଁଥିପାଇଁ ଏହା ବାସ୍ତବରେ ବିରଳ । ମୁଁ ସର୍ବଦା ଆତ୍ମବିଶ୍ୱାସ, ମଜଭୁତପଣ, ସାହସ, ନିଷ୍ଠା ଏବଂ ଅନୁକମ୍ପା ଭଳି ମୂଲ୍ୟବୋଧରେ ବିଶ୍ୱାସ କରିଆସିଛି ଯାହାର ପ୍ରତୀକ ମେନ୍ ଅଫ ପ୍ଲାଟିନମ୍ ଅଟେ । ଏହି ମୂଲ୍ୟବୋଧଗୁଡିକ ମୋର ସମୁଦାୟ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ମୋତେ ମାର୍ଗଦର୍ଶନ କରିଛି । ପ୍ଲାଟିନମ୍ ଅଳଙ୍କାର ମଧ୍ୟ ମୋର ବ୍ୟକ୍ତିଗତ ଷ୍ଟାଇଲ ସହିତ ମେଳ ଖାଉଛି- ଯେଉଁଥିରେ ରହିଛି ଆକର୍ଷଣର ପରିମାଣ, ସର୍ବନିମ୍ନ ଏବଂ ସମକାଳୀନ ଡିଜାଇନ, ଯାହା ମୋ ଷ୍ଟାଇଲ ସମ୍ବେଦନଶୀଳତାକୁ ମାନୁଛି ଏବଂ ଏହି ଅଳଙ୍କାର ଖଣ୍ଡଗୁଡିକୁ ଅନାୟସରେ ମୋ ଓ୍ୱାର୍ଡରୋବ୍‌ରେ ସମନ୍ୱିତ କରିବାକୁ ମୋତେ ସୁଯୋଗ ଦେଉଛି । ଏହି ସିରିଜ୍‌ରେ ପ୍ରତ୍ୟେକ ଚଳଚ୍ଚିତ୍ର ଏକ ଏକ ଅଧ୍ୟାୟ ଭାବରେ ଉପସ୍ଥାପନ କରାଯାଉଛି, ଯାହା ସୂର୍ଯ୍ୟକୁମାରଙ୍କର ମୁମ୍ବଇର ଜନଗହଳି ରାସ୍ତାର ମୂଳ ଉତ୍ସରୁ ଆନ୍ତର୍ଜାତିକ କ୍ରିକେଟ ଜଗତରେ ତାଙ୍କର ଚମକଦାର ବିଜୟ ପର୍ଯ୍ୟନ୍ତ ସବୁକିଛିର ଏକ ଦମ୍‌ଦାର ଚିତ୍ର ଆଙ୍କୁଛି । ପ୍ରତିଟି ଉନ୍ମୋଚିତ ଅଧ୍ୟାୟରେ ସୂର୍ଯ୍ୟକୁମାରଙ୍କ ଅଦମନୀୟ ଭାବନା ଏବଂ ପ୍ଲାଟିନମ୍‌ର ଅନନ୍ୟ ଗୁଣ ମଧ୍ୟରେ ଏକ ସମାନ୍ତରାଳ ତୁଳନା ଅଧିକ ସ୍ପଷ୍ଟ ହେଉଛି । ସେଗୁଡିକ ଏକ ବାସ୍ତବ ମେନ୍ ଅଫ ପ୍ଲାଟିନମ୍‌ର ମୌଳିକ ମୂଲ୍ୟବୋଧୀ ଦୃଢ ପାଳନୀୟତା ସମ୍ପର୍କରେ ଆଲୋକପାତ କରୁଛି, ଯେଉଁଥିରେ ରହିଛି ଆତ୍ମବିଶ୍ୱାସ, ସାହସ, ମଜଭୁତପଣ, ଅନୁକମ୍ପା, ଦୀର୍ଘସ୍ଥାୟିତା ଏବଂ ପ୍ରାମାଣିକତା । 'ଏ ମିନିଟ୍ ୱିଥ୍ ମେନ୍ ଅଫ ପ୍ଲାଟିନମ୍ ଢ ସୂର୍ଯ୍ୟକୁମାର ଯାଦବ' ପରବର୍ତ୍ତୀ ପର୍ଯ୍ୟାୟରେ ବେଶ୍ ପ୍ରଭାବଶାଳୀ କ୍ଷୁଦ୍ର ଅଧ୍ୟାୟଗୁଡିକ ଅନାବରଣ କରୁଛି, ଯେଉଁଥିରୁ ପ୍ରତ୍ୟେକଟି ଏକ ଅନନ୍ୟ ଦିଗ ଉପରେ ଆଲୋକପାତ କରୁଛି । ପ୍ରତିଟି ଅଧ୍ୟାୟର ଗୋଟିଏ ମିନିଟ୍ ଏକ ମୁହୂର୍ତ୍ତକୁ ପ୍ରଦର୍ଶିତ କରୁଛି ଯେଉଁଥିରେ ଜଣେ ମ୍ୟାନ୍ ଅଫ ପ୍ଲାଟିନମ୍‌ର ଚରିତ୍ର ଲକ୍ଷଣ ସ୍ଥାନପାଉଛି । ଏହା ଏକ ପ୍ରେରଣାଦାୟୀ ଅଧ୍ୟାୟ 'ଏ ମିନିଟ୍ ଅନ୍ ସେଲ୍‌ଫ-ବିଲିଫ୍' ସହିତ ଶୁଭାରମ୍ଭ ହେଉଛି, ଯାହା ସୂର୍ଯ୍ୟକୁମାରଙ୍କ ବିଜୟୀ ଶୁଭାରମ୍ଭର ନିଦର୍ଶନ ହୋଇଛି । ପରବର୍ତ୍ତୀ ଅଧ୍ୟାୟ 'ଏ ମିନିଟ୍ ଅନ୍ କରେଜ୍' ଏକ ସମୟକୁ ଫେରାଇ ନେଉଛି ଯେତେବେଳେ ସେ ଗୁରୁତର ଆହତ ହେବା ସତ୍ତ୍ୱେ ମଜଭୁତ ହୋଇ ଛିଡା ହୋଇଥିଲେ । ତୃତୀୟ ଅଧ୍ୟାୟ 'ଏ ମିନିଟ୍ ଅନ୍ ରିସାଇଲିଏନ୍ସ' ସୂର୍ଯ୍ୟକୁମାରଙ୍କ କ୍ଲାନ୍ତିହୀନ ଭାବନା ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି । ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସମସ୍ତଙ୍କ ନିକଟରେ 'ଏସ୍‌କେଓ୍ୱାଇ' ଭାବରେ ପରିଚିତ ସୂର୍ଯ୍ୟକୁମାର ତାଙ୍କ ପଥରେ ଆସୁଥିବା ସମସ୍ତ ବାଧାବିଘ୍ନ ଓ ଆହ୍ୱାନର ସମ୍ମୁଖୀନ ହୋଇ ମଜଭୁତ ଭାବରେ ଛିଡା ହୋଇଛନ୍ତି ଏବଂ ପରିବେଶଷରେ ଭାରତୀୟ ଦଳରେ ଏକ ସମ୍ମାନଜନକ ସ୍ଥାନ ସୁରକ୍ଷିତ କରୁଛନ୍ତି । ଏହି ଅଧ୍ୟାୟରେ ପ୍ଲାଟିନମ୍‌ର ନମନୀୟତା ପ୍ରକୃତି ସହିତ ଏସ୍‌କେଓ୍ୱାଇଙ୍କର ଏକ ତୁଳନା କରାଯାଇଛି, ଯାହା ଏହାକୁ ବାସ୍ତବରେ ବିରଳ କରି ଗଢିତୋଳୁଛି । 'ଏ ମିନିଟ୍ ଅନ୍ କମ୍ପାସନ୍' ସୂର୍ଯ୍ୟକୁମାରଙ୍କର କ୍ରିକେଟ ଜଗତର କିମ୍ବଦନ୍ତୀ ମାଷ୍ଟର ବ୍ଲାଷ୍ଟରଙ୍କ ସହିତ ପ୍ରାରମ୍ଭିକ ଦିନଗୁଡିକର ଏକ ମାର୍ମିକ କ୍ଷଣ ସମ୍ପର୍କରେ ସହଭାଗୀତା କରୁଛି । 'ଏ ମିନିଟ୍ ଅନ୍ ଏଣ୍ଡୁରାନ୍ସ' ସୂର୍ଯ୍ୟକୁମାର ଏବଂ ପ୍ଲାଟିନମ୍ ମଧ୍ୟରେ ରହିଥିବା 'ସହ୍ୟ କରିବାର କ୍ଷମତା' ଭଳି ସମାନ ମୂଲ୍ୟବୋଧ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରୁଛି । ଏହି ସିରିଜ୍ 'ଏ ମିନିଟ୍ ଅନ୍ ଷ୍ଟେଇଂ ଟ୍ରୁ' ସହିତ ପରିସମାପ୍ତ ହେଉଛି, ଯେଉଁଥିରେ ପ୍ଲାଟିନମ୍ ଯେଭଳି ସମୟ ଅତିବାହିତ ହେବାସତ୍ତ୍ୱେ ନିଜର ଗଠନ ଅପରିବର୍ତ୍ତିତ ରଖିଥାଏ, ସୂର୍ଯ୍ୟକୁମାର ମଧ୍ୟ ସେହିଭଳି ତାଙ୍କର କ୍ରୀଡା ଓ ନିଜ ପ୍ରତି ପ୍ରାମାଣିକ ରହିଛନ୍ତି ଏବଂ କେବଳ କ୍ରିକେଟ ନୁହେଁ କୋଟି କୋଟି ଲୋକଙ୍କ ହୃଦୟରେ ଯେଭଳି ନିଜର ସ୍ଥାନ ସୁଦୃଢ କରିଛନ୍ତି, ତାହା ପ୍ରଦର୍ଶିତ ହୋଇଛି । ଏଥିସହିତ ପ୍ଲାଟିନମ୍‌ର ଷ୍ଟାଇଲ ଅଭିବ୍ୟକ୍ତି ଏବଂ ଏହା କହିଲେ କ'ଣ ବୁଝାଏ ତାହାକୁ ନେଇ ଏକ ବିଷୟବସ୍ତୁ ସ୍ଥାନ ପାଉଛି ।ଏହି ସହଯୋଗିତା ଏବଂ ନୂତନ ପ୍ରଚାର ଅଭିଯାନ ସିରିଜ୍ ସମ୍ପର୍କରେ ପ୍ରକାଶ କରି ସୁଜଲା ମାର୍ଟିସ, ଡାଇରେକ୍ଟର- କୁମର୍ ମାର୍କେଟିଂ, ପ୍ଲାଟିନମ୍ ଗିଲ୍‌ଡ ଇଣ୍ଟରନ୍ୟାସନାଲ- ଇଣ୍ଡିଆ କହିଛନ୍ତି, ନ୍ତଆଗାମୀ କ୍ରିକେଟ ସିଜନ୍ ଏବଂ ପାର୍ବଣ ଉଦ୍ଦୀପନାକୁ ସମ୍ବଳ କରି ଆମେ ମେନ୍ ଅଫ ପ୍ଲାଟିନମ୍ ନିମନ୍ତେ କ୍ରିକେଟ ତାରକା ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ଏକ ନୂତନ ପ୍ରଚାର ଅଭିଯାନ ଆରମ୍ଭ କରିଛୁ । କ୍ରିକେଟର ଶିହରଣ ଏବଂ ବ୍ରାଣ୍ଡ୍‌ର ମୂଲ୍ୟବୋଧରେ ସମ୍ମିଶ୍ରଣ ଘଟାଇବା ଆମର ଲକ୍ଷ୍ୟ, ଯାହା ବାସ୍ତବ ପୁରୁଷଙ୍କ ବ୍ୟକ୍ତିତ୍ୱ ଏବଂ ବହୁମୂଲ୍ୟ ପ୍ଲାଟିନମ୍ ସଂଜ୍ଞା ନିର୍ଦ୍ଧାରଣ କରୁଥିବା ଦୁର୍ଲଭ ଲକ୍ଷଣ ଉପରେ ଗୁରୁତ୍ୱ ଦେଉଛି । ସମ୍ପ୍ରତି ପ୍ଲାଟିନମ୍ ଅଳଙ୍କାରକୁ ଏକ ଆଧୁନିକ ସଫଳତାର ପ୍ରତୀକ ଭାବରେ ବିବେଚନା କରାଯାଉଛି, ଯାହା ବିରଳ ଏବଂ ପାଳନ କରିବା ନିମନ୍ତେ କଷ୍ଟକର ମୂଲ୍ୟବୋଧ ଉପରେ ସୃଷ୍ଟି ହୋଇଥିବା ସଫଳ କାହାଣୀର ପୁରୁଷଙ୍କୁ ପ୍ରତିନିଧିତ୍ୱ କରୁଛି । ଏହି ସମସ୍ତ ଲକ୍ଷଣକୁ ସମ୍ପୂର୍ଣ୍ଣ ଠିକ୍ ଭାବରେ ବହନ କରୁଥିବା ସୂର୍ଯ୍ୟକୁମାର ଯାଦବ ଆମ ପ୍ରଚାର ଅଭିଯାନର ଝଟକୁଥିବା ତାରକା ହୋଇଛନ୍ତି । କ୍ରିକେଟ ଏବଂ ପାର୍ବଣ ଋତୁ ନିମନ୍ତେ ସଠିକ ସମୟରେ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ଉନ୍ମୋଚିତ ହୋଇଥିବା ମେନ୍ ଅଫ ପ୍ଲାଟିନମ୍‌ର ପ୍ରଚାର ଅଭିଯାନକୁ ଟେଲିଭିଜନ, ମୁଦ୍ରିତ, ଡିଜିଟାଲ, ସାମାଜିକ ଏବଂ ପିଆର୍ ଆଦି ଜରିଆରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦମ୍‌ଦାର ସମର୍ଥନ ଯୋଗାଇ ଦିଆଯିବ । ନୂତନ ମେନ୍ ଅଫ ପ୍ଲାଟିନମ୍ ସମ୍ଭାର ଭାରତର ସମସ୍ତ ଅଗ୍ରଣୀ ଅଳଙ୍କାର ରିଟେଲ ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Sunday August 27, 2023 ଭୁବନେଶ୍ୱର ରବିବାର, ଅଗଷ୍ଟ ୨୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ମାରଣାସ୍ତ୍ର ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ୫ ଯୁବକ ଗିରଫ



ନିମାପଡ଼ା ,(ପି.ଏନ) : ମୁଖ୍ୟରାସ୍ତା ରେ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ବଟି ମାଗୁଥିବା ଓ ଆତଙ୍କ ସୃଷ୍ଟି କରୁଥିବା ୫ ଜଣ ଯୁବକଙ୍କୁ ଚ଼ାରିଛକ ଥାନା ପୋଲିସ ଗିରଫ କରି କୋର୍ଟ ଚ଼ାଲାଣ କରିଛି । କୋର୍ଟରେ ସେମାନଙ୍କର ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ କୁ ପଠାଇ ଦିଆଯାଇଛି ।ସେମାନେ ହେଲେ ଚ଼ାରିଛକ ଥାନା ବ୍ରହ୍ମକୁଣ୍ଡି ଗ୍ରାମର ସୂର୍ଯ୍ୟନାରାୟଣ ବେହେରା ,ମନୋରଞ୍ଜନ ବେହେରା , ବାଇଦିପଡା ଗ୍ରାମର ଜ୍ଞାନମିଶ୍ର ,ହାଣ୍ଡିଆପଡା ଗ୍ରାମର ଅନନ୍ତ ଭୋଇ, ଅସ୍ତରଙ୍ଗ ଥାନା ଆଳସାହି ଗ୍ରାମ ର ଦେବାଶିଷ ଜେନା ।ପୋଲିସ ସେମାନଙ୍କଠାରୁ ଓଡ଼ିକ୍ୟୁ ୬୦୩୪ ନମ୍ବର ବିଶିଷ୍ଟ କାର ସହିତ ଖଣ୍ଡା , କଟୁରୀ,ଲୁହାରଡ଼ ,୩ ଟି ମୋବାଇଲ ଫୋନ ,୩୭୦ ଟଙ୍କା ଜବତ କରିଛି ।ଖବର ଅନୁଯାୟୀ ଏହି ୫ ଜଣ ଯୁବକ କାରରେ ଆସି ଚ଼ାରିଛକ – କାକଟପୁର ମୁଖ୍ୟରାସ୍ତା ର ତୁଳସୀପୁର ଛକ ନିକଟସ୍ଥ ହାଣ୍ଡିଆପଡା ଡ଼ାଲି ମିଲ୍ ନିକଟ ମୁଖ୍ୟ ରାସ୍ତାରେ ଆତଙ୍କ ସୃଷ୍ଟି କରୁଥିଲେ ।ଏଥିସହ ଯାତାୟାତ କରୁଥିବା ଲୋକ ଓ ଯାନବାହାନ କୁ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ ।ବିଶେଷ ସୂତ୍ରରୁ ଖବରପାଇ ନିମାପଡ଼ା ଏସ ଡି ପି ଓ ଦେବାଶିଷ ମିଶ୍ର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚ଼ାରିଛକ ଥାନା ପୋଲିସ କୁ ନିର୍ଦ୍ଦେଶ ଦେଇଥିଲେ। ଚ଼ାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଏସ ଆଇ କୃଷ୍ଣ ଚ଼ନ୍ଦ୍ର ପୃଷ୍ଟି , ଏ ଏସ ଆଇ ପ୍ରକାଶ ମହାନ୍ତି ପ୍ରମୁଖ ସଦଳବଳେ ଉକ୍ତ ସ୍ଥାନ ଉପରେ ଚ଼ଢାଉ କରି ଉକ୍ତ ୫ ଜଣ ଯୁବକ ଙ୍କୁ ଗିରଫ କରିଥିଲା ।

## ନୂତନ ଥାନାଧିକାରୀଙ୍କୁ ମିଡ଼ିଆ ଫୋରମ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଥାନାରେ ନୂତନକରି ଥାନାଧିକାରୀ ଭାବେ ଯୋଗ ଦେଇଛନ୍ତି ରାଜେଶ ବଳିୟାରସିଂ । ବୁଧବାର ସନ୍ଧ୍ୟା ରେ ଅସ୍ତରଙ୍ଗ ଥାନାରେ ପହଂଚ଼ିବା ପରେ ଶନିବାର ଅସ୍ତରଙ୍ଗ ମିଡ଼ିଆ ଫୋରମ ସଦସ୍ୟ ମାନେ ତଥା ମାନସ ଖଣ୍ଡୁଆଳ, ଆଦିତ୍ୟ ରାଉତ, ବିଜୟ ବେହେରା, ଅନିଲି ବାରିକି, ଟୁଲୁ ବେହେରା, ବିନୋଦ ସେଠି ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇ ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଅସ୍ତରଙ୍ଗ ବିଭିନ୍ନ ଆଇନି ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବ ରେ ଥାନାର ସବଇନିସ୍ପେକ୍ଟର ସଂଗ୍ରାମ କେଶରୀ ସ୍ୱାଇଁ, ଦୀପକ ସାମନ୍ତସିଂହାର, ଏ. ଏସ. ଆଇ ପ୍ରଶାନ୍ତ ବିଶ୍ୱାଳ ଓ ଅନ୍ୟ କର୍ମଚ଼ାରୀ ମାନେ ଉପସ୍ଥିତ ଥିଲେ। ଆଇନି ଶୃଙ୍ଖଳା ପରିସ୍ଥିତିକୁ ନେଇ ଶ୍ରୀ ବଳିୟାରସିଂ ତଦାରଖ କରିବେ ବୋଲି ପ୍ରତିକ୍ରିୟା ମତ ରଖିଥିଲେ। ଅସ୍ତରଙ୍ଗ ମିଡ଼ିଆ ଫୋରମ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଯୋଗଦାନ ଦେଇପାରିନଥିଲେ।

# ସୁନାବେଡା ମହିଳା ମହାବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠି ଅନୁଦାନ



ସୁନାବେଡ଼ା,(ପି.ଏନ): ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ ଙ୍କୁ ସ୍ୱତନ୍ତ୍ର ପାଣ୍ଠି ଅନୁଦାନ ନିମନ୍ତେ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ କୋରାପୁଟ ର ମାନ୍ୟବର ବିଧାୟକ ରଘୁରାମ ପାଡାଲ ଯୋଗ ଦେଇ ଛାତ୍ରୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣିଥିଲେ ଏବଂ ସେଗୁଡିକର ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଜୀବନର ଲକ୍ଷ୍ୟ ପୁରଣ କରିବା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ସୁନାବେଡା ପୌର ପରିଷଦର ଅଧକ୍ଷ ଡଃ ରାଜେନ୍ଦ୍ର ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କ ର ବିଭିନ୍ନ ସମସ୍ୟା ଗୁଡ଼ିକର ଖୁବ୍ ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି କରିଥିଲେ। ଏହା ଛଡା ଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ପ୍ରଶାସନିକ ସେବା ପାଇଁ କୋଚ଼ିଙ୍ଗ ସେଣ୍ଟର ଆରମ୍ଭ ହୋଇଥିବା ବିଷୟ ରେ ଅବଗତ କରାଇଥିଲେ ।୧ ନଂ ୱାର୍ଡ ର କାଉନସିଲର ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଛାତ୍ରୀ ମାନଙ୍କ ଶିକ୍ଷାର ଆବଶ୍ୟକତା ଉପରେ ଆଲୋଚ଼ନା କରିଥିଲେ । ମହାବିଦ୍ୟାଳୟ ପରିଚ଼ାଳନା କମିଟିର ସଭାପତି ଡ଼ଃ ଉମାଶଙ୍କର ପ୍ରସାଦ ପାତ୍ର ମୁଖ୍ୟମନ୍ତ୍ରୀ ଙ୍କ ସ୍ୱତନ୍ତ୍ର ପାଣ୍ଠି ଅନୁଦାନ ପାଇଁ ଧନ୍ୟବାଦ ଅର୍ପଣ କରିବା ସହ ମହାବିଦ୍ୟାଳୟର ବିଭିନ୍ନ ବିକାଶ ଉପରେ ଆଲୋଚ଼ନା କରିଥିଲେ । ମହାବିଦ୍ୟାଳୟ ର ଅଧକ୍ଷା ଉଷାରାଣୀ ଦାସ ସଭାକାର୍ଯ୍ୟ ପରିଚ଼ାଳନା କରିବା ସହ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏଥି ସହିତ ମାନ୍ୟବର ବିଧାୟକ ଙ୍କୁ ଧନ୍ୟବାଦ ଜଣାଇବା ସହିତ ମହାବିଦ୍ୟାଳୟ ରେ ଥିବା ବିଭିନ୍ନ ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ ।ସୁନାବେଡା ପୌର ପରିଷଦର ବିଭିନ୍ନ ୱାର୍ଡ ର କାଉନସିଲର ମାନେ ମଧ୍ୟ ଯୋଗଦାନ କରିଥିଲେ। ଅଧାପକ ଡଃ ବାସୁଦେବ ସାହୁ ଅଧାପିକା ବାସନ୍ତି ପଟ୍ଟନାୟକ, ସରିତା ପରିଡ଼ା, ସୁଶ୍ରୀ ଶୁଭଶ୍ରୀ ପରିଡ଼ା ସଭାରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଏବଂ ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ୧୬ ନଂ ୱାର୍ଡ ର କାଉନସିଲର ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ



ସେମିଳିଗୁଡା,(ପି.ଏନ): ଆଜି ସେମିଳିଗୁଡ଼ା ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ଜ୍ଞାନରତ୍ନ ଭବନ ପରିସରରେ ବିଶ୍ୱ ବନ୍ଧୁତ୍ୱ ଦିବସ ପାଳନ କରାଯାଇଛି। ବିକେ ଅଜୟ କୁମାର ସାହୁ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚ଼ାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା କୋରାପୁଟ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ତିନି ଥର ଓମ ଶାନ୍ତି ଉଚ୍ଚ଼ାରଣ କରି ଶାନ୍ତିର ସନ୍ଦେଶ ଦେଇଥିଲେ। ସୁନାବେଡା ପୌରପରିଷଦ ଅଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସୁଖ ଓ ଶାନ୍ତିରେ ଜୀବନ ଜିଇଁବା ପାଇଁ ସମସ୍ତଙ୍କୁ ସମୟ ବାହାର କରିବାକୁ ପଡିବ ବୋଲି ମତ ରଖିଥିଲେ। ସୁଖ ଓ ଶାନ୍ତି ରେ କେମିତି ଜୀବନ ଜିଇଁବା କୁ ହେବ ତା'ରି ଉପରେ ବିସ୍ତୃତ ଆଲୋଚ଼ନା କରିଥିଲେ ବ୍ରହ୍ମା କୁମାରୀ ସେମିଳିଗୁଡା କେନ୍ଦ୍ର ର ପରିଚ଼ାଳିକା ରାଜ ଯୋଗିନୀ ବିକେ ସାବିତ୍ରୀ ଭଉଣୀ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସଂପର୍କ ରେ ସମ୍ୟକ୍ ଆଲୋଚ଼ନା କରିଥିଲେ ବିକେ ସଯୁକ୍ତା ଭଉଣୀ ଏବଂ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଦ୍ୟାଳୟ ମାଉଣ୍ଟ ଆବୁର ବିଶ୍ୱ ପରିଚ଼ାଳିକା ବଡ ଦାଦି ପ୍ରକାଶ ମଣିଙ୍କ ମହାପ୍ରୟାଣ ଦିବସ ଅଗଷ୍ଟ ୨୫ ତାରୀଖକୁ ସାରା ବିଶ୍ୱ ରେ କେମିତି ବିଶ୍ୱ ବନ୍ଧୁତ୍ୱ ଦିବସ ଭାବରେ ପାଳନ କରୁଛି ତାହାରି ଉପରେ ଆଲୋଚ଼ନା କରିଥିଲେ ବିକେ ନିର୍ମଳା ଭଉଣୀ। ଭାଇ ଭଉଣୀ ସଂପର୍କ କୁ ନେଇ ମତ ରଖିଥିଲେ ବିକେ ରୁବି ଭଉଣୀ ।ଉପାଧକ୍ଷ ରିତୁ କଣ୍ଡା ସମେତ ସ୍ୱର୍ଣ୍ଣ ପଟ୍ଟନାୟକ, ରାମ ବେନିଆ, ମିନତୀ ମିଶ୍ର, ସ୍ୱରୂପ ପଟ୍ଟନାୟକ, ମମତା ଖରା, ଅଳକା ଲେଙ୍କା, ରବି ପ୍ରଧାନ ,ସୁରେନ୍ଦ୍ର ସେଠୀ, ମମତା ରାୟ, ଶଙ୍କର ବିଲେଇପଡ଼ିଆ, ପ୍ରଜ୍ଞା ଜେନା , ବୃନ୍ଦ୍ରି ଆଲମପଡିଆ, ବବିତା ଖିଲ , ଆଦି ସୁନାବେଡା ପୌରପରିଷଦ କାଉନସିଲର ମାନଙ୍କୁ ମୁକୁଟ , ଉପଢୌକନ, ଫୁଲ ଚ଼ନ୍ଦନ ଓ ଆଳତୀ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି ଅବସରରେ ସମସ୍ତ ଙ୍କୁ ଈଶ୍ୱରୀୟ ରାକ୍ଷୀ ବନ୍ଧା ଯାଇଥିଲା। ବିକେ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀ , ସଂଜୁ ଓ ଅନନ୍ତ ଆଦି ଭାଇ ଓ ଭଉଣୀ କାର୍ଯ୍ୟକ୍ରମ ପରିଚ଼ାଳନା ରେ ସହଯୋଗ କରିଥିଲେ।

# ଘରୋଇ ଉପାୟରେ ସାଇତା ଶସ୍ୟରେ କୀଟ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଉ



ଭୁବନେଶ୍ୱର,(ପି.ଏନ): ଶସ୍ୟ ଅମଳ ର ଅର୍ଦ୍ଧାଧିକ ଭାଗ ଆମ ଚ଼ାଷୀ ଭାଇ ଭଉଣୀ ମାନେ ସାଇତି ରଖନ୍ତି। ଶସ୍ୟ ଗୁଡିକ ସାଇତି ରହିବା ସମୟ ରେ ଜଳୀୟ ଅଂଶ ଅଧିକ ରହିଲେ ନାନା ପ୍ରକାର ର କୀଟ ମାନେ ଆକ୍ରମଣ କରିଥାନ୍ତି। ଏହି ଆକ୍ରମଣ କୁ ପ୍ରତିହତ କରିବାପାଇଁ ବିହିତ ପଦକ୍ଷେପ ନେବା ଉଚ଼ିତ ବୋଲି ବାରୁଦଖାନା ଗ୍ରାମ ରେ ଅନୁଷ୍ଠିତ ଏକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ଉପକଣ୍ଠ ପୁରଣପଧାନ ଗ୍ରାମ ପଂଚ଼ାୟତ ର ବାରୁଦଖାନା ଗ୍ରାମ ରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିଚ଼ାଳିତ କୃଷି ମହାବିଦ୍ୟାଳୟ ର କୋଡିଏ ଜଣିଆ ଶେଷବର୍ଷ ଛାତ୍ରୀ ପ୍ରତିନିଧି ଦଳ ଙ୍କ ଦ୍ୱାରା ଆଜି ଏକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସାଇତା ଶସ୍ୟ ରେ କୀଟ ନିୟନ୍ତ୍ରଣ' ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ସୋଆ କୃଷି ମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ଉଦଘାଟନ କରି ଗ୍ରାମବାସୀ ମାନଙ୍କୁ ସମ୍ବୋଧିତ କରିବା ସହ ଏହି କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ତଥା ଅଭିନବ କାର୍ଯ୍ୟକ୍ରମ ବୋଲି କହିଥିଲେ। ଛାତ୍ରୀ ଦଳ ର ତତ୍ତ୍ୱାବଧାରକ କୀଟତତ୍ତ୍ୱବିତ ଡକ୍ଟର ଭୁବନାନନ୍ଦ ଅଧିକାରୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ସୋଆ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ ର ସଂଯୋଜକ ଡକ୍ଟର ଅଂଶୁମାନ ଜେନା ଙ୍କ ସମେତ ଉଦ୍ଭିଦ ରୋଗ ନିଦାନ ବିଭାଗ ର ସହକାରୀ ପ୍ରଫେସର ଡକ୍ଟର ରାକେଶ ରୋଶନ ଶତପଥୀ ଓ ଡକ୍ଟର ବିଦ୍ୱାନ ରଞ୍ଜନ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ସାଇତା ଶସ୍ୟ ର ରାକ୍ଷଣାବେକ୍ଷଣ ଓ କୀଟ ନିୟନ୍ତ୍ରଣ ର ଗୁରୁତ୍ୱ ବିଷୟ ରେ ବୁଝାଇଥିଲେ। ପରେ ପରେ ଏକ ନାଟ୍ୟଧର୍ମୀ ପ୍ରଶିକ୍ଷଣ କୁ ଅର୍ଘ୍ୟରୂପା ସଂଯୋଜନା କରିଥଲେ। ଏହି ନାଟକ ର ମୁଖ୍ୟ ଭୂମିକା ରେ ବୈଷ୍ଣବୀ, ଶାସ୍ୱତୀ, ସୌମ୍ୟଶ୍ରୀ ଓ ପ୍ରୀତି ଅଭିନୟ କରିଥିଲେ। ଅନନ୍ୟା, ଆୟୁଷ୍ମା, ଦ୍ୟୁତି ନାଟକ ପରିଚ଼ାଳନା କରିଥିଲେ। ସାଇତା ଶସ୍ୟ ରେ ଆକ୍ରମଣ କରୁଥିବା ବିଭିନ୍ନ କୀଟ ଯଥା ଚ଼ାଉଳ ଘୁଣୀ ପୋକ, ଭମା ପୋକ, ନାଳି ଅଟା ପୋକ, ଡାଲି ଭୃଙ୍ଗ ଇତ୍ୟାଦିର ଜୀବନଚ଼କ୍ର, ଲକ୍ଷଣ ଓ ନିରାକରଣ ବିଷୟ ରେ ଶିବାଙ୍ଗି, ଶ୍ରେୟାସି, ଶର୍ମିଷ୍ଠା, ଐଶ୍ୱର୍ଯ୍ୟା, ଶିକ୍ତା, ପ୍ରତୀକ୍ଷା, ଲକ୍ଷ୍ମୀପ୍ରିୟା, ଯାଜ୍ଞସେନି, ଦେବାଂଶୀ, ବର୍ଣ୍ଣା ଓ ପୂର୍ବା ବିଷଦ ଆଲୋଚ଼ନା କରିବା ସହ ପରୀକ୍ଷାଗାର ରୁ ଆସିଥିବା ନମୁନା ସବୁ କୁ ସିଧା ସଳଖ ଅଂଶଗ୍ରହଣକାରୀ ମାନଙ୍କୁ ଦେଖାଇଥିଲେ। ପ୍ରଶିକ୍ଷଣ ରେ ଗ୍ରାମ ର କୃଷକ ସାଥି ସୁମନ୍ତ ପ୍ରଧାନ ଙ୍କ ନେତୃତ୍ୱ ରେ ବାରୁଦଖାନା ଗ୍ରାମ ର ପଚ଼ାଶ ରୁ ଉର୍ଦ୍ଧ୍ୱ ଚ଼ାଷୀ ଭାଇ ଓ ଭଉଣୀ ମାନେ ଯୋଗ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କ ପାଇଁ ୨୦୦ କୋଟିର ସ୍କଲାରସିପ ଘୋଷଣା କରିଛି ଫିଜିକ୍ସ ୱାଲା

ଭୁବନେଶ୍ୱର,(ପି.ଏନ): ଏକ ଅଗ୍ରଣୀ ୟୁନିକର୍ଣ୍ଣ ଏଡ-ଟେକ କମ୍ପାନୀ, ପିଡବ୍ଲୁ(ଫିଜିକ୍ସ ୱାଲା) ପକ୍ଷରୁ ଏହାର ପିଡବ୍ଲୁଏନଏସଏଟି ୨୦୨୩(ଫିଜିକ୍ସ ୱାଲା ନ୍ୟାସନାଲ ସ୍କଲାରସିପ କମ୍ ଆଡମିସନ ଟେଷ୍ଟ)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ପରୀକ୍ଷା ଉଭୟ ଅଫଲାଇନ ଏବଂ ଅନଲାଇନରେ ଅନୁଷ୍ଠିତ ହେବ ଏବଂ ଏହା ଷଷ୍ଠ ରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ତଥା ଜେଇଇ କିମ୍ବା ନିଟ୍ ପଢ଼ିବାକୁ ଇଚ୍ଛା ରଖିଥିବା ଡ୍ରପର ଛାତ୍ରଛାତ୍ରୀଙ୍କ ପାଇଁ ଖୋଲା ରହିବ । ଚଳିତବର୍ଷ ଫିଜିକ୍ସ ୱାଲା ପିଡବ୍ଲୁଏନଏସଏଟି ପରୀକ୍ଷାରେ ଭଲ କରିଥିବା ଛାତ୍ରଛାତ୍ରୀଙ୍କୁ ୨୦୦ କୋଟିର ସ୍କଲାରସିପ ପ୍ରଦାନ କରୁଛି । ୨୦୨୩ ପିଡବ୍ଲୁଏନଏସଏଟିରେ ଅସାଧାରଣ ଛାତ୍ରଛାତ୍ରୀଙ୍କୁ ୧.୫ କୋଟିର ନଗଦ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ । ଏହି ପରୀକ୍ଷା ଚଳିତବର୍ଷ ଆସନ୍ତା ଅକ୍ଟୋବର ୧, ୮ ଏବଂ ୧୫ ତାରିଖରେ ଅଫଲାଇନରେ ଅନୁଷ୍ଠିତ ହେବ ଏବଂ ଛାତ୍ରଛାତ୍ରୀମାନେ ଆସନ୍ତା ଅକ୍ଟୋବର ୧ ରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷାକୁ ଅନ୍‌ଲାଇନରେ ମଧ ଦେଇପାରିବେ । ପିଡବ୍ଲୁ ୱେବସାଇଟ, ଏବଂ ଆପ୍ କିମ୍ବା ନୀକଟସ୍ଥ ଅଫଲାଇନ ପିଡବ୍ଲୁ ସେଂଟରରେ ଅକ୍ଟୋବର ୧୫, ୨୦୨୩ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ପାଇଁ ପୀକରଣ କରିହେବ । ଅକ୍ଟୋବର ୨୦, ୨୦୨୩ରେ ଏହି ପରୀକ୍ଷାର ଫଳାଫଳ ଘୋଷଣା କରାଯିବ। ପିଡବ୍ଲୁ ବିଦ୍ୟାପୀଠ ଅଫଲାଇନ ସିଇଓ ଅଙ୍କିତ ଗୁପ୍ତା କହିଛନ୍ତିଯେ, ନପିଡବ୍ଲୁଏନଏସଏଟି ପରୀକ୍ଷା ହେଉଛି ଆମର ଶକ୍ତିଶାଳୀ ଛାତ୍ରଛାତ୍ରୀ ସମୁଦାୟଙ୍କୁ ଫେରସ୍ତ କରିବା ଏବଂ ଇଞ୍ଜିନିୟରିଂ କିମ୍ବା ମେଡିସିନ ପଢ଼ିବାର ସ୍ୱପ୍ନ ପୂରଣ କରିବାରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ଆମର ପ୍ରୟାସ । ଗତବର୍ଷ ପିଡବ୍ଲୁଏନଏସଏଟି ପରୀକ୍ଷାକୁ ବଡ଼ ସଫଳତା ମିଳିଥିଲା । ଏହି ପରୀକ୍ଷା ୧.୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିଥିଲା ଏବଂ ୧୨୦ କୋଟିରୁ ଅଧିକ ସ୍କଲାରସିପ ପ୍ରଦାନ କରାଯାଇଥିଲା । ଆମର ବିଶ୍ୱାସ ଯେ ଆର୍ଥିକ ଭିତିଭୂମି ନିର୍ବିଶେଷରେ ପ୍ରତ୍ୟେକ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ପାଇବାକୁ ଯୋଗ୍ୟ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray